Bhubaneswar- 13 June 2026
ଭୁବନେଶ୍ୱର- ୧୩ ଜୁନ୍ ୨୦୨୬
Vol- 1 Issue - 47
ଭାଗ- ୧ ସଂଖ୍ୟା- ୪୭
www.pratishabda.com
Email : pratishabda7@gmail.com
Also Available In : YouTube

ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

ବିଜେପି ସରକାରର ଦୁଇବର୍ଷ ପୂର୍ତ୍ତି

- ଏଣିକି ଗରିବଙ୍କୁ ମୁଣ୍ଡପିଛା ୧୦କିଲୋ ଚାଉଳ
- କେଜିରୁ ପିଜି' ସମସ୍ତଙ୍କୁ ମାଗଣା ପାଠପଢ଼ା
- ଦୁଇ ବର୍ଷରେ ୪୪ ହଜାରଙ୍କୁ ମିଳିଛି ନିଯୁକ୍ତି
- ହିତାଧିକାରୀଙ୍କୁ ଏକାସଙ୍ଗେ ୩ମାସର ଭତ୍ତା ମିଳିବ

ଭୁବନେଶ୍ୱର: ରାଜ୍ୟରେ ବିଜେପି ସରକାର ଗଢ଼ିବାର ଆଜି ଦୁଇବର୍ଷ ପୂରଣ ହୋଇଛି। ନିଜ ସରକାରର ଦୁଇବର୍ଷ ଶାସନର ପୂର୍ତ୍ତି ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିକ୍ଷା ଓ ଖାଦ୍ୟ ସୁରକ୍ଷା ନିମନ୍ତେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଏଣିକି ରାଜ୍ୟରେ ପ୍ରାଥମିକ ଶ୍ରେଣୀଠାରୁ ଆରମ୍ଭ କରି ସ୍ନାତକୋତ୍ତର ବା 'କେଜିରୁ ପିଜି' ପର୍ଯ୍ୟନ୍ତ ସମସ୍ତ ପାଠପଢ଼ା ସମ୍ପୂର୍ଣ୍ଣ ମାଗଣା ହେବ। ଏହାସହିତ ଗରିବ ପରିବାରଗୁଡ଼ିକର ଖାଦ୍ୟ ଚିନ୍ତା ଦୂର କରିବା ନିମନ୍ତେ ରାଜ୍ୟ ସରକାର ଆଜିଠାରୁ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ କରିଛନ୍ତି, ଯେଉଁଥିରେ ଖାଦ୍ୟ ସୁରକ୍ଷା ହିତାଧିକାରୀମାନଙ୍କୁ ଏଣିକି ମାସିକ ମୁଣ୍ଡ ପିଛା ୫କିଲୋ ବଦଳରେ ୧୦କିଲୋ ଚାଉଳ ମାଗଣାରେ ମିଳିବ। ଏହାସହିତ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ନିଜ ସରକାରର ଦୁଇବର୍ଷର ରିପୋର୍ଟ କାର୍ଡ ମଧ୍ୟ ଉପସ୍ଥାପନ କରିଛନ୍ତି। ଲୋକସେବା ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଶିକ୍ଷାକୁ ପ୍ରକୃତ ଅର୍ଥରେ ମୁକ୍ତ ଓ ସାର୍ବଜନୀନ କରିବାରେ ଓଡ଼ିଶା ସମଗ୍ର ଦେଶରେ ପ୍ରଥମ ରାଜ୍ୟ ହେବାକୁ ଯାଉଛି। ଅର୍ଥାଭାବରୁ କୌଣସି ବିଦ୍ୟାର୍ଥୀ ଉଚ୍ଚଶିକ୍ଷାରୁ ବଂଚିତ ହେବେ ନାହିଁ। କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ଉପଲବ୍ଧ ହେବ। ବିଶେଷକରି ଆର୍ଥିକ ଅନଗ୍ରସର ବର୍ଗ ଓ ଛାତ୍ରଛାତ୍ରୀମାନେ ଏହାର ସର୍ବାଧିକ ସୁଫଳ ପାଇବେ। ସେହିପରି ଆଜିଠାରୁ ଆରମ୍ଭ ହେଉଥିବା 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ମାଧ୍ୟମରେ ଉଭୟ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ସମସ୍ତ ହିତାଧିକାରୀଙ୍କୁ ଏବେ ମିଳୁଥିବା ମାଗଣା ଚାଉଳ ବ୍ୟତୀତ ଆଉ ୫ କିଲୋଗ୍ରାମ ଅତିରିକ୍ତ ଚାଉଳ ମିଳିବ। ଫଳରେ ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ୮୦% ଅର୍ଥାତ୍ ୩କୋଟି ୨୮ ଲକ୍ଷ ୫୨ ହଜାର ହିତାଧିକାରୀଙ୍କୁ ମାସକୁ ୧୦କିଲୋ ଚାଉଳ ମାଗଣା ମିଳିବ। ଏଥିପାଇଁ ରାଜ୍ୟ ସରକାର ନିଜ ପାଣ୍ଠିରୁ ବାର୍ଷିକ ୮ ୮୧୩ କୋଟି ଟଙ୍କାର ବ୍ୟୟଭାର ବହନ କରିବେ। ବିଗତ ସରକାର ସମୟରେ ଚାଷୀ ଯେଉଁ ସମସ୍ୟା ଭୋଗୁଥିଲେ, ତାକୁ ଦୂର କରିବା ସହ ଏହି 'ଅନ୍ନପୂର୍ଣ୍ଣା ଯୋଜନା' ମାଧ୍ୟମରେ ରାଜ୍ୟର ଅନ୍ନଦାତା ଓ ଗରିବ ଶ୍ରେଣୀର ମୁହଁରେ ହସ ଫୁଟିପାରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ସାମଗ୍ରିକ ଆଇନଶୃଙ୍ଖଳା ସମ୍ପର୍କରେ ବିରୋଧୀଙ୍କୁ କଡ଼ା ଜବାବ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ବର୍ତ୍ତମାନ ଓଡ଼ିଶା ସମ୍ପୂର୍ଣ୍ଣ ଭାବେ ମାଓବାଦୀ ଓ ନକ୍ସଲ ହିଂସାମୁକ୍ତ ହୋଇପାରିଛି । ବିଶେଷକରି ମହିଳା ବିରୋଧୀ ଅପରାଧ କ୍ଷେତ୍ରରେ ଦୋଷୀ ସାବ୍ୟସ୍ତ ହାର ୨୦୨୩ ମସିହାରେ ମାତ୍ର ୬.୭ ପ୍ରତିଶତ ଥିବାବେଳେ ଏବେ ୬୨ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ସରକାରଙ୍କ କଠୋର ଆଭିମୁଖ୍ୟକୁ ଦର୍ଶାଉଛି। ପୁଲିସ ବିଭାଗକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ୨୧ ହଜାରରୁ ଅଧିକ ନୂତନ ପଦବୀ ସୃଷ୍ଟି କରାଯାଇଛି। ବିଗତ ସରକାରଙ୍କ ୨୪ ବର୍ଷର ପ୍ରଚାରସର୍ବସ୍ୱ ଶାସନକୁ କଡ଼ା ସମାଲୋଚନା କରି କହିଛନ୍ତି ଯେ ପୂର୍ବରୁ ପ୍ରକଳ୍ପଗୁଡ଼ିକ କେବଳ ଜଣେ ବ୍ୟକ୍ତିର ଇଚ୍ଛା ଅନୁସାରେ ଚାଲୁଥିଲା, କିନ୍ତୁ ବର୍ତ୍ତମାନର ସରକାର ବିକାଶକୁ ସଂସ୍ଥାଗତ ରୂପ ଦେବାକୁ 'ଓଡ଼ିଶା ସିଟି'ର ପ୍ରତିଷ୍ଠା କରିଛନ୍ତି। ରାଜ୍ୟରେ ମହିଳାମାନଙ୍କ ପାଇଁ ସୁଭଦ୍ରା ଯୋଜନା ମାଧ୍ୟମରେ ୨୦୬୦୦ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇ ସେମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରାଯାଇଛି।ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ ହେବା ଫଳରେ ୩ କୋଟି ୪୬ ଲକ୍ଷ ଲୋକ ଦେଶର ବଡ଼ ବଡ଼ ହସ୍ପିଟାଲରେ କ୍ୟାସଲେସ ଚିକିତ୍ସା ସୁବିଧା ପାଉଛନ୍ତି। ଏହାସହିତ ଜଗତସିଂହପୁର, ଢେଙ୍କାନାଳ ଓ ଭଦ୍ରକ ଭଳି ଜିଲ୍ଲାରେ ଖୁବଶୀଘ୍ର ନୂତନ ମେଡିକାଲ କଲେଜ ପ୍ରତିଷ୍ଠା ହେବାକୁ ଯାଉଛି।ଭିତ୍ତିଭୂମି ଓ ଶିଳ୍ପାୟନ କ୍ଷେତ୍ରରେ ପ୍ରାୟ ୨୦ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶକୁ ଆକୃଷ୍ଟ କରାଯାଇ ଲକ୍ଷ ଲକ୍ଷ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି ଓ ବିଗତ ଦୁଇ ବର୍ଷରେ ବିଭିନ୍ନ ବିଭାଗରେ ପ୍ରାୟ ୪୪ହଜାରରୁ ଉର୍ଦ୍ଧ୍ୱ ନବନିଯୁକ୍ତ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ବଂଟନ କରାଯାଇଛି।

ଓଡ଼ିଆ ଭାଷା, ସଂସ୍କୃତି ଓ ଅସ୍ମିତାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ସରକାରୀ ସ୍ତରରେ ଓଡ଼ିଆ ଭାଷାର ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି। ପୂର୍ବ ସରକାରଙ୍କ ଭଳି କେବଳ ପ୍ରଚାର ସର୍ବସ୍ୱ ନହୋଇ ବର୍ତ୍ତମାନର ସରକାର ଓଡ଼ିଶାର ସାଢ଼େ ଚାରି କୋଟି ଜନସାଧାରଣଙ୍କ ସହଯୋଗରେ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ୨୦୩୬ ମସିହା ସୁଦ୍ଧା ଏକ ସମୃଦ୍ଧ ଓ ଶକ୍ତିଶାଳୀ ଓଡ଼ିଶା ଗଠନର ସ୍ୱପ୍ନକୁ ନିଶ୍ଚିତ ଭାବେ ବାସ୍ତବ ରୂପ ଦେବ ବୋଲି ଶ୍ରୀ ମାଝୀ କହିଛନ୍ତି। ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏବଂ ସରକାରଙ୍କ ସଫଳତା ସମ୍ପର୍କରେ ସ୍ୱଷ୍ଟୋକ୍ତି ରଖି ଶ୍ରୀ ମାଝୀ କହିଛନ୍ତି ଯେ, ଭତ୍ତା ପ୍ରଦାନରେ ବିଳମ୍ବ ସମସ୍ୟା ସରକାରଙ୍କ ଦୃଷ୍ଟିକୁ ଆସିଛି, ହେଲେ ଏହା ରାଜ୍ୟର ନୁହେଁ ବରଂ କେନ୍ଦ୍ର ସରକାରଙ୍କ ବୈଷୟିକ ସମସ୍ୟା। ହିତାଧିକାରୀମାନଙ୍କୁ ଟେକନୋଲୋଜି ସହ ଯୋଡ଼ା ଯାଉଥିବାରୁ ଏଥିପାଇଁ ସମୟ ଲାଗୁଛି।

ମହିଳା ଶକ୍ତି ହେଉଛନ୍ତି ରାଷ୍ଟ୍ର ଗଠନର ଆଧାର: ମୋଦୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦେଶର 'ନାରୀ ଶକ୍ତି'କୁ ପ୍ରଶଂସା କରିଛନ୍ତି। ରାଷ୍ଟ୍ର ଗଠନରେ ନାରୀଶକ୍ତିଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ମୋଦୀ କହିଛନ୍ତି। ଏଥିସହ ସମାଜର ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏକ୍ସରେ ଏକ ପୋଷ୍ଟ୍ କରି ମୋଦୀ କହିଛନ୍ତି, ଭାରତୀୟ ମହିଳାମାନଙ୍କ ସାମର୍ଥ୍ୟ ଏବଂ ସଫଳତା ଦେଶର ସମ୍ମାନ ବୃଦ୍ଧି କରିଛି। ଏକ ସଂସ୍କୃତ ଶ୍ଳୋକକୁ ଉଦ୍ଧୃତ କରି ମୋଦୀ କହିଛନ୍ତି, ମହିଳାମାନେ ସମସ୍ତ ତିନି ଜଗତରେ କ୍ଷମତାର ପ୍ରତୀକ। ସମାଜରେ ସେମାନେ ଅପରିହାର୍ଯ୍ୟ ଭୂମିକା ନିର୍ବାହ କରୁଛନ୍ତି। ମୋଦୀ କହିଛନ୍ତି, ଭାରତର ମହିଳା ଶକ୍ତି ହେଉଛନ୍ତି ରାଷ୍ଟ୍ର ଗଠନର ଆଧାର। ଆଜି ଆମ ମା', ଭଉଣୀ ଏବଂ ଝିଅମାନେ ପ୍ରତି କ୍ଷେତ୍ରରେ ସେମାନଙ୍କ ଜ୍ଞାନ ଓ ଦକ୍ଷତା ବଳରେ ଆମ ଭାରତ ମାତାର ଗୌରବ ବୃଦ୍ଧି କରୁଛନ୍ତି। ଗତ ୧୨ ବର୍ଷ ମଧ୍ୟରେ ଏନ୍‌ଡିଏ ସରକାରର ସଫଳତା ଉପରେ ଗୁରୁତ୍ୱାରୋପ କରି ମୋଦୀ କହିଛନ୍ତି, ପ୍ରଶାସନ ମହିଳାଙ୍କ ସଂକ୍ରାନ୍ତ ବିକାଶ କ୍ଷେତ୍ରରେ ଲଗାତାର ଭାବେ କାମ କରିଚାଲିଛି। ବିଭିନ୍ନ କ୍ଷେତ୍ରରେ ଏହାର ଉପଲବ୍ଧି ଦେଖିବାକୁ ମିଳିଛି। ପ୍ରତିଟି କ୍ଷେତ୍ରରେ ମହିଳାମାନେ ସେମାନଙ୍କ ଉପସ୍ଥିତି ଜାହିର କରିପାରିଛନ୍ତି ବୋଲି ମୋଦୀ କହିଛନ୍ତି। ମୋଦୀ ଆଜି 'ନାରୀ ଶକ୍ତିର ୧୨ବର୍ଷ' ଅବସରରେ ଉତ୍ସବ ମନାଇଛନ୍ତି। ତାଙ୍କ ନେତୃତ୍ୱରେ ସରକାରଙ୍କ ଦ୍ୱାରା ମହିଳା ସଶକ୍ତୀକରଣକୁ ସୁଦୃଢ଼ କରିବା ଦିଗରେ ଯେଉଁସବୁ ପଦକ୍ଷେପ ଗ୍ରହଣ ହୋଇଛି ତା' ଉପରେ ମୋଦୀ ଗୁରୁତ୍ୱାରୋପ କରିଛନ୍ତି। ମୋଦୀ କହିଛନ୍ତି, ଭାରତର ନାରୀ ଶକ୍ତି ବିଜ୍ଞାନ, ମହାକାଶ ଏବଂ ଉଦ୍ଭାବନ କ୍ଷେତ୍ରରେ ସେମାନଙ୍କ ପାରଦର୍ଶିତା ଦେଖାଇବା ମତେ ନିର୍ଦ୍ଦିଷ୍ଟ ଭାବେ ବେଶି ଖୁସି ଦେଇଛି।

ଆକ୍ରମଣ ପାଇଁ ଇରାନକୁ ଦାୟୀ କଲେ ଆମେରିକୀୟ ରାଷ୍ଟ୍ରପତି

ୱାସିଂଟନ: ଉପସାଗରୀୟ ଅଞ୍ଚଳରେ ଜାରି ରହିଥିବା ସାମରିକ ଉତ୍ତେଜନା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ବିରୋଧରେ ବିଷୋଦଗାର କରିଛନ୍ତି। ଭାରତୀୟ ବାଣିଜ୍ୟିକ ଜାହାଜ ଉପରେ ହୋଇଥିବା ଡ୍ରୋନ୍ ଆକ୍ରମଣକୁ ତୀବ୍ର ସମାଲୋଚନା କରିବା ସହ ପ୍ରସ୍ତାବିତ ଶାନ୍ତି ଚୁକ୍ତିକୁ ନେଇ ଇରାନ ଭ୍ରମାତ୍ମକ ତଥ୍ୟ ସୃଷ୍ଟି କରୁଥିବା ଟ୍ରମ୍ପ ଅଭିଯୋଗ କରିଛନ୍ତି। ତେହେରାନ ଆଲୋଚନାର ନିୟମ ଉଲ୍ଲଂଘନ କରୁଥିବାରୁ ଏହା ବିଶ୍ୱ ଶକ୍ତି ବଜାର ଏବଂ ଜଳପଥର ସୁରକ୍ଷା ପ୍ରତି ବଡ଼ ବିପଦ ସୃଷ୍ଟି କରିଛି। ଟ୍ରମ୍ପ କହିଛନ୍ତି, ଇରାନୀ ସେନା ପକ୍ଷରୁ ହିଁ ଭାରତୀୟ ଜାହାଜ ଉପରେ ଡ୍ରୋନ୍ ଆକ୍ରମଣ କରାଯାଇଛନ୍ତି। ଏହାକୁ ସେ ସମ୍ପୂର୍ଣ୍ଣ ଅଗ୍ରହଣୀୟ କହିବା ସହ ଏଭଳି କାର୍ଯ୍ୟ ତୁରନ୍ତ ବନ୍ଦ କରିବାକୁ ଇରାନକୁ ଚେତାବନୀ ଦେଇଛନ୍ତି। ଯଦି ଅନ୍ତର୍ଜାତୀୟ ବାଣିଜ୍ୟିକ ମାର୍ଗରେ ଏଭଳି ଉତ୍ତେଜନା ଜାରି ରହେ, ତେବେ ଆମେରିକା ନିଜର ଏବଂ ନିଜ ସହଯୋଗୀ ଦେଶଗୁଡ଼ିକର ସୁରକ୍ଷା ପାଇଁ ଅତି କଠୋର ସାମରିକ ପଦକ୍ଷେପ ଗ୍ରହଣ କରିବ ବୋଲି ହ୍ୱାଇଟ୍ ହାଉସ୍ ସ୍ପଷ୍ଟ କରିଛି।

ଟିଏମସି ଛାଡ଼ିବେ ରଚନା ବାନାର୍ଜୀ ! ଦିଦିଙ୍କୁ ବଡ଼ ଝଟ୍‌କା

କୋଲକାତା: ଟିଏମସିରେ ଆରମ୍ଭ ହୋଇଥିବା ବିଭାଜନ ଏବେ ବିସ୍ଫୋରକ ରୂପ ନେଇଛି। ଦଳର ୨୦ ଜଣ ଏମ୍ପି ବିଦ୍ରୋହ ଘୋଷଣା କରିଥିବା କୁହାଯାଉଥିଲେ ହେଁ ଏବେ ଗୋଟିଏ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ଲଦିଦିଙ୍କ ହାତ ଛାଡିଦେଲେ କି ରଚନା ବାନାର୍ଜୀ। ପଶ୍ଚିମବଙ୍ଗର ସାଂସଦ ତଥା ଓଲିଉଡ଼ ସହ ଟଲିଉଡ଼ର ନାମକରା ହିରୋଇନ ରଚନା ଆଜି ଏମିତି ନିଷ୍ପତ୍ତି ନେଇଛନ୍ତି ଯାହାକୁ ନେଇ ଚର୍ଚ୍ଚା ଜୋର ଧରିଛି । ଦିନେ ନିଜର ଲୋକପ୍ରିୟ ସୋ ଦିଦି ନମ୍ବର ୱାନ ମାଧ୍ୟମରେ ପଶ୍ଚିମବଙ୍ଗବାସୀଙ୍କ ହୃଦୟ ଜିତିଥିବା ରଚନା ଆଜି ଦିଦିଙ୍କ ହାତ ଛାଡିଦେଇଛନ୍ତି। ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀଙ୍କୁ ଆଜି ଏକ ବଡ଼ ଝଟକା ଲାଗିଛି। ଦଳର ୨୦ ଜଣ ଏମ୍ପି ଏନଡିଏରେ ଯୋଗଦେବାକୁ ଇଚ୍ଛା ପ୍ରକାଶ କରି ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଏକ ଚିଠି ଲେଖିଛନ୍ତି। ପିଟିଆଇ ଅନୁଯାୟୀ, ଏମ୍ପି କାକୋଲି ଦସ୍ତିଦାର କହିଛନ୍ତି ଯେ ତାଙ୍କ ସମେତ ୨୦ ଜଣ ଏମ୍ପି ବିଜେପି ନେତୃତ୍ୱାଧୀନ ଏନଡିଏକୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଓଡ଼ିଶା ଛୁଇଁଲା ମୌସୁମୀ ବାୟୁ

ଭୁବନେଶ୍ୱର: ବହୁ ପ୍ରତୀକ୍ଷିତ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଜି ଓଡ଼ିଶା ମାଟିରେ ପ୍ରବେଶ କରିଛି। ପହିଲି ରଜର ଦିନକ ପୂର୍ବରୁ ଓଡ଼ିଶାରେ ମୌସୁମୀ ପ୍ରବେଶ କଲା ପରେ ତାପମାତ୍ରା ଏବଂ ଗରମ ସାମାନ୍ୟ ହ୍ରାସ ପାଇଛି। ରାଜ୍ୟର ଉତ୍ତର ଭାଗକୁ ମୌସୁମୀ ଅଗ୍ରସର ହୋଇଛି। ସୂଚନାଯୋଗ୍ୟ, ସ୍ୱାଭାବିକ ସମୟର ୩ ଦିନ ବିଳମ୍ବରେ ଚଳିତ ବର୍ଷ କେରଳମ୍ ଛୁଇଁଥିଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଓଡ଼ିଶାକୁ କିନ୍ତୁ ସ୍ୱାଭାବିକ ସମୟରେ ମୌସୁମୀ ଆସିପାରେ ବୋଲି ଅନୁମାନ କରାଯାଇ ଥିଲା। ଅର୍ଥାତ୍ ଜୁନ୍ ୧୦ରୁ ୧୨ ତାରିଖ ମଧ୍ୟରେ ମୌସୁମୀ ଓଡ଼ିଶା ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ କୁହାଯାଇଥିଲା। ସାଧାରଣତଃ ଜୁନ୍ ୧ରେ କେରଳମ୍ ଛୁଇଁବା ପରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜୁନ୍ ୧୦ରୁ ୧୨ ତାରିଖ ମଧ୍ୟରେ ଓଡ଼ିଶା ଛୁଇଁଥାଏ। ଯଦିଓ ଓଡ଼ିଶାକୁ ମୌସୁମୀ ଆଗମନ ପାଇଁ ମୌସୁମୀର କେରଳମ୍ ଆଗମନ ଅପେକ୍ଷା ବଙ୍ଗୋପସାଗରୀୟ ପାଣିପାଗ ଅଧିକ ଗୁରୁତ୍ୱପୂର୍ଣ୍ଣ; ତଥାପି ଚଳିତ ଥର କେରଳମ୍ ଭଳି ଓଡ଼ିଶାକୁ ମୌସୁମୀର ଆଗମନ ବିଳମ୍ବ ନ ହୋଇପାରେ ବୋଲି ପୂର୍ବାନୁମାନ କରାଯାଉଥିଲା। ସେପଟେ ଦେଶରେ ମୌସୁମୀ ଅଗ୍ରସର ହେବାରେ ଲାଗିଛି। କର୍ଣ୍ଣାଟକ, ସମ୍ପୂର୍ଣ୍ଣ ଗୋଆ, ମହାରାଷ୍ଟ୍ର ଓ ଆନ୍ଧ୍ରପ୍ରଦେଶର କିଛି କିଛି ଅଞ୍ଚଳ, ତାମିଲନାଡୁ ଓ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରର ଅଂଧିକାଂଶ ଅଞ୍ଚଳ, ସମ୍ପୂର୍ଣ୍ଣ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର, ମିଜୋରାମ, ମଣିପୁରର କିଛି କିଛି ଅଞ୍ଚଳକୁ ମୌସୁମୀ ଅଗ୍ରସର ହୋଇଛି।

ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲା

ଗିରଫ ହେଲା ପୁରୁଷବନ୍ଧୁ

- ମୟୂରଭଞ୍ଜରୁ ଗିରଫ କଲା ସ୍ପେସାଲ୍‌ସ୍କ୍ୱାଡ଼

କଟକ: ଗିରଫ ହେଲା ବୟ ଫ୍ରେଣ୍ଡ। ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲାରେ ଭୀମସେନ୍ ଟୁଡୁ ଗିରଫ। ମୃତ ଚନ୍ଦ୍ରିକାଙ୍କ ବୟ ଫ୍ରେଣ୍ଡ ଭୀମ ସେନ୍। ମୟୂରଭଞ୍ଜରୁ ଗିରଫ କଲା ସ୍ପେସାଲ୍‌ସ୍କ୍ୱାଡ଼। କମିଶନରେଟ ପୋଲିସର ସ୍ପେସାଲ୍ ସ୍କ୍ୱାଡ କଲା ଗିରଫ। ନିକଟ ଅତୀତରେ ହାଇକୋର୍ଟ ରେ ଆଗୁଆ ଜାମିନ ଆବେଦନ କରିଥିଲେ ଭୀମ ସେନ୍। ମୃତ୍ୟୁ ପାଇଁ ବୟଫ୍ରେଣ୍ଡ ଦାୟୀ ବୋଲି ଅଭିଯୋଗ କରି ଥିଲେ ପରିବାରବର୍ଗ। ପ୍ରକାଶଯୋଗ୍ୟ, ଚନ୍ଦ୍ରିକାଙ୍କ ପୁରୁଷ ବନ୍ଧୁ କିଛି ଦିନ ଧରି ଫେରାର ଥିଲେ । ପୁରୁଷ ବନ୍ଧୁ ଭୀମସେନ ଟୁଡୁଙ୍କୁ ଧରିବା ପାଇଁ ଏକାଧିକ ଟିମ୍ ଗଠନ କରିଥିଲା କମିଶନରେଟ ପୋଲିସ । ଜୁନ୍ ୪ ତାରିଖ ଦିନ କାଠଯୋଡ଼ି ନଦୀରୁ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତଦେହ ମିଳିବା ଘଟଣାକୁ ନେଇ ରୁଜୁ ମାମଲାରେ ପୁରୁଷ ବନ୍ଧୁ ଭୀମସେନ ଟୁଡୁଙ୍କୁ ଧରିବା ପାଇଁ ଏକାଧିକ ଟିମ୍ ଗଠନ କରିଥିଲା କମିଶନରେଟ ପୋଲିସ । ପୁରୁଷ ବନ୍ଧୁ ଭୀମସେନ ନିଜର ସୁରକ୍ଷା ପାଇଁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି । ତାଙ୍କ ଆଗୁଆ ଜାମିନ ଆବେଦନକୁ କୋର୍ଟରେ ବିରୋଧ କରାଯିବ ବୋଲି କହିଛନ୍ତି କଟକ ଡିସିପି । ଏଥିପାଇଁ ଆବଶ୍ୟକୀୟ ତଥ୍ୟ ପ୍ରମାଣ ସଂଗ୍ରହ କରାଯାଉଥିବା ସୂଚନା ଦେଇଛନ୍ତି । ମୃତ ଚନ୍ଦ୍ରିକାଙ୍କ ପୋଷ୍ଟମର୍ଟମ ରିପୋର୍ଟରେ ପାଣିରେ ବୁଡ଼ି ଅଣନିଶ୍ୱାସୀ ହୋଇ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଚନ୍ଦ୍ରିକାଙ୍କ ପରିବାରବର୍ଗ ଭୀମସେନଙ୍କ ବିରୋଧରେ ଆତ୍ମହତ୍ୟା ପାଇଁ ଉସୁକାଇବା ସହ ହତ୍ୟା ଅଭିଯୋଗ ଆଣିବା ପରେ ପୋଲିସ ମାମଲା ରୁଜୁ କରିଥିଲା । ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ ସେ ନେଇ ମଧ୍ୟ ପୋଲିସ ତଦନ୍ତ କରୁଛି ।

ଆଖିବୁଜିଲେ ଅର୍ଦ୍ଧଦଗ୍ଧ କନେଷ୍ଟବଳ ଆଶୁତୋଷ

ବ୍ରହ୍ମପୁର: ସନ୍ଦେହଜନକ ଭାବେ ପୋଡ଼ିଯାଇଥିବା କନେଷ୍ଟବଳ ଆଶୁତୋଷ ମୃଦଙ୍ଗିଆ ଆଜି (ଶୁକ୍ରବାର) ଆଖି ବୁଜିଛନ୍ତି। ଏମ୍‌ସ ବର୍ଣ୍ଣ କେୟାର ୱାର୍ଡରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଶରୀରର ୮୦ ଭାଗରୁ ଅଧିକ ପୋଡ଼ି ଯାଇଥିବା ବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବ୍ରହ୍ମପୁର ଓ ପରେ ଏମ୍‌ସ ନିଆଯାଇଥିଲା। ଗତ ୫ ତାରିଖ ସନ୍ଧ୍ୟାରେ ବିଜିପୁର ପୁଲିସ କ୍ୱାର୍ଟର୍ସରେ ରହୁଥିବା ପତ୍ନୀଙ୍କ ଘର ସାମନାରେ ସେ ପୋଡ଼ି ଯାଇଥିଲେ। ଆରମ୍ଭରୁ ଏହା ଆତ୍ମାହୁତି ବୋଲି କୁହାଯାଉଥିଲେ ବି ପରେ ପତ୍ନୀ ଓ ଶାଳକଙ୍କ ନାଁରେ ହତ୍ୟା ଉଦ୍ୟମ ଅଭିଯୋଗ ହୋଇଥିଲା। ତେଣୁ ପୁଲିସ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏମ୍‌କେସିଜିରେ ମାଜିଷ୍ଟ୍ରେଟ୍, ଡାକ୍ତର ଓ ପୁଲିସ ଉପସ୍ଥିତିରେ ଗୁରୁତର କନେଷ୍ଟେବଳଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ନିଆଯାଇଥିଲା। ପତ୍ନୀ ଓ ଶାଳକଙ୍କ ନାଁ ନେଇ ସେ ହତ୍ୟା ଉଦ୍ୟମ କରିଥିବା କହିଥିବା ବି ରେକର୍ଡ କରାଯାଇଥିଲା। ଗୁରୁତର ହେବାରୁ ରାତାରାତି ତାଙ୍କୁ ଭୁବନେଶ୍ୱର ଏମ୍‌ସ ସ୍ଥାନାନ୍ତର କରାଯାଇଥିଲା। ଆଜି ପୂର୍ବାହ୍ଣରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଥାନାରେ ରୁଜୁ ହୋଇଥିବା ହତ୍ୟା ଉଦ୍ୟମ ମାମଲା ଏବେ ହତ୍ୟା ମାମଲାରେ ରୂପାନ୍ତରିତ ହେବ ବୋଲି ଏସ୍‌ପି ଡା. ଶରବଣା ବିବେକ ଏମ୍ କହିଛନ୍ତି। ପତ୍ନୀ ସନ୍ଧ୍ୟା ନାୟକ ଓ ଶାଳକଙ୍କ ନାମରେ ୨୪୭/୨୬ରେ ଏକ ମାମଲା ରୁଜୁ ହୋଇଛି।

- ଆପାର୍ଟମେଣ୍ଟ ପଞ୍ଜିକରଣ ପ୍ରକ୍ରିୟା ହେଲା ସରଳ

ଆଇନଗତ ସମସ୍ୟା ହଟାଇଲେ ସରକାର

ଭୁବନେଶ୍ୱର: ରାଜ୍ୟର ହଜାରହଜାର ଆପାର୍ଟମେଣ୍ଟ କ୍ରେତା, ଜମି ମାଲିକ ଓ ପ୍ରମୋଟରମାନଙ୍କ ପାଇଁ ଖୁସିଖବର। ଦୀର୍ଘବର୍ଷ ଧରି ପୁରୁଣା ଆପାର୍ଟମେଣ୍ଟଗୁଡ଼ିକର ପଞ୍ଜିକରଣ ବା ରେଜିଷ୍ଟ୍ରେସନକୁ ନେଇ ଲାଗି ରହିଥିବା ବିଭିନ୍ନପ୍ରକାରର ଆଇନଗତ ଜଟିଳତା ଓ ଦସ୍ତାବିଜ୍ ସମସ୍ୟାର ସ୍ଥାୟୀ ସମାଧାନ କରିଛି ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ।ରାଜ୍ୟରେ 'ରେରା' ନିୟମ ଲାଗୁ ହେବା ପୂର୍ବରୁ ଅର୍ଥାତ୍ ୨୦୧୬ ଅକ୍ଟୋବର ୫ତାରିଖ ପୂର୍ବରୁ ଯେଉଁ ଆପାର୍ଟମେଣ୍ଟଗୁଡ଼ିକର କାମ ସରିଯାଇଥିଲା, ସେଗୁଡ଼ିକର ପଞ୍ଜିକରଣ ପ୍ରକ୍ରିୟାକୁ ସରକାର ଏବେ ସମ୍ପୂର୍ଣ୍ଣ ସରଳ କରିଦେଇଛନ୍ତି। ଆଜି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି ହୋଇଛି, ଯାହାଫଳରେ ରେରା ନିୟମ ଲାଗୁ ପୂର୍ବରୁ ଆପାର୍ଟମେଂଟ କିଣିଥିବା ଫ୍ଲାଟ୍ ମାଲିକମାନେ ବିନା କୌଣସି ସମସ୍ୟାରେ ନିଜ ନିଜ ଆପାର୍ଟମେଣ୍ଟର ମାଲିକାନା ସତ୍ତ୍ୱ ପାଇପାରିବେ।ଏସମ୍ପର୍କରେ ସୂଚନା ଦେଇ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ପୁରୁଣା ପ୍ରକଳ୍ପଗୁଡ଼ିକରେ କ୍ରେତାମାନେ ସାମ୍ନା କରୁଥିବା ଦୀର୍ଘଦିନର ପଞ୍ଜିକରଣ ସମସ୍ୟାକୁ ଦୂର କରିବା ହିଁ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ପ୍ରକୃତରେ, ଆପାର୍ଟମେଣ୍ଟ ପରିଚାଳନାକୁ ସ୍ୱଚ୍ଛ କରିବା ପାଇଁ ୨୦୨୩ ମସିହାରେ ଓଡ଼ିଶା ଆପାର୍ଟମେଣ୍ଟ ଆକ୍ଟ ପ୍ରଣୟନ କରାଯାଇଥିଲା। ତଥାପି ପୁରୁଣା ପ୍ରକଳ୍ପର ଅନେକ କ୍ରେତା ନିଜ ନାଁରେ ଘର ରେଜିଷ୍ଟ୍ରେସନ କରିପାରୁନଥିଲେ। ପୂର୍ବରୁ ୨୦୨୫ ମସିହା ଡିସେମ୍ବର ୩ ତାରିଖରେ ସରକାର ବ୍ୟକ୍ତିଗତ କ୍ରେତାମାନଙ୍କୁ ସାମାନ୍ୟ ରିହାତି ଦେଇଥିଲେ ମଧ୍ୟ ପ୍ରମୋଟର କିମ୍ବା ଜମି ମାଲିକଙ୍କ ହାତରେ ଥିବା ବାକି ଆପାର୍ଟମେଣ୍ଟଗୁଡ଼ିକ ଏହି ସୁବିଧାରୁ ବାଦ୍ ପଡ଼ିଥିଲା। ସେଗୁଡ଼ିକୁ କିଣିବାକୁ ଚାହୁଁଥିବା ନୂଆ ଗ୍ରାହକମାନେ ଅସୁବିଧାରେ ପଡୁଥିଲେ। ଏହି ସମସ୍ୟାର ସମାଧାନ ପାଇଁ ସରକାର ନିଜ ସ୍ୱତନ୍ତ୍ର କ୍ଷମତାର ପ୍ରୟୋଗ କରି ଏହି ନୂଆ ନିୟମ ଆଣିଛନ୍ତି। ଯାହାକି ବଳକା ସମସ୍ତ ଆପାର୍ଟମେଣ୍ଟର ପଞ୍ଜିକରଣ ମାର୍ଗ ପ୍ରଶସ୍ତ କରିବ।

ବିଡିଓଙ୍କ ଗାଡ଼ିକୁ ପଥର ମାଡ଼ କଲେ ଦୁର୍ବୃତ୍ତ, ଥାନାରେ ଅଭିଯୋଗ

ଦଶପଲ୍ଲା : ଦଶପଲ୍ଲା ବିଡିଓ ଶରତ ଚନ୍ଦ୍ର ମଲ୍ଲିକଙ୍କ ଗାଡ଼ିକୁ ପଥର ମାଡ଼ କଲେ ଦୁର୍ବୃତ୍ତ । ପଥରମାଡ଼ରେ ଭାଙ୍ଗିଲା ଗାଡ଼ିର ଆଗ କାଚ । ତେବେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଡ୍ରାଇଭର୍ ଓ ବିଡିଓ । ବିଡିଓ ଏସଆଇଆର କାର୍ଯ୍ୟ ତଦାରଖ କରିବା ପାଇଁ ନଛିପୁର ପଞ୍ଚାୟତକୁ ଯାଇଥିଲେ । ପରେ ନଛିପୁରରେ ଜଣେ ଅଗ୍ନିବିପନ୍ନଙ୍କୁ ସରପଞ୍ଚଙ୍କ ସହ ମିଶି ସରକାରୀ ସାହାଯ୍ୟ ବଣ୍ଟନ କରି ଫେରୁଥିବା ସମୟରେ ଦୁଇ ଜଣ ଦୁର୍ବୃତ୍ତ ହଠାତ୍ ଗାଡିକୁ ପଥର ମାଡ କରିଥିଲେ । ଗାଡି କାଚ ଭାଙ୍ଗି ପଥରଟି ବିଡିଓଙ୍କ ଗୋଡରେ ବାଜିଥିଲା । ଡ୍ରାଇଭର ଗାଡିଟିକୁ ରଖିଦେବାରୁ ସାମାନ୍ୟ ଦୁର୍ଘଟଣାରୁ ଉଭୟ ବର୍ତ୍ତିଯାଇଛନ୍ତି । ବିଡିଓ ଏ ନେଇ ଦଶପଲ୍ଲା ଥାନାରେ ଅଭିଯୋଗ କରିଛନ୍ତି ।

ରଥ ନିର୍ମାଣର ୫୩ ତମ ଦିବସ

ତିନିରଥର ତୃତୀୟ ଭୂଇଁ ଫ୍ରେମ୍ ମଝି ଭୂଇଁ ଉପରେ ସ୍ଥାପିତ

- କଣ୍ଟା ପୋଟଳ ପାଇଁ ଗୋଡ଼ିଛାଲ କଣ୍ଟା ନିର୍ମାଣ ଜାରି
- ତିନିରଥର ଗୋଟିଏ ଗୋଟିଏ ଡ଼ମକ ଚାରି ନାହାକା କୁ ଲାଗି କଣ୍ଟା ବାଡ଼ିଆ ଶେଷ

ପୁରୀ: ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଜୁଲାଇ ୧୬ ତାରିଖ । ଏଥିପାଇଁ ବଡଦାଣ୍ଡ ସ୍ଥିତ ରାଜାନଅର ସମ୍ମୁଖ ରଥଖଳା ଠାରେ ରଥ ନିର୍ମାଣ କାମ ଯୋରସୋରରେ ଆଗେଇ ଚାଲିଛି । ଶୁକ୍ରବାର ରଥ ନିର୍ମାଣର ୫୩ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥ ଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଗୁରୁବାର ସୁଦ୍ଧା ତିନିରଥର ୧୪ ନାହାକା ବୁଲିବା ସହ ଚାରି ନାହାକା ରେ ପ୍ରଥମ ଭୂଇଁ ଏବଂ ଦ୍ୱିତୀୟ ଭୂଇଁ ଫ୍ରେମ୍ ସଂଯୋଗ ଶେଷ ହୋଇଥିଲା । ଆଜି ଅପରାହ୍ନରେ ତିନିରଥର ମୁଖ୍ୟ ମହାରଣା ଙ୍କ ଉପସ୍ଥିତରେ ତିନିରଥ ସହଯୋଗୀ ମହାରଣା ଏବଂ ଭୋଇ ସେବକ ମାନେ ମିଶି ତିନିରଥର ତୃତୀୟ ଭୂଇଁ ବା ଅଗ ଭୂଇଁ ଉଠି ମଝି ଭୂଇଁ ଉପରେ ସ୍ଥାପନ ଶେଷ ହୋଇଛି। ଏହି ତୃତୀୟ ଭୂଇଁ ଫ୍ରେମ୍ ୪ଟି ଚଉଡା ବର୍ଗାକାର ରେ ସଂଯୋଗ ହୋଇ ତାର ଚାରି କୋଣରେ ୪ଟି ଭୂଇଁ ଗୋଡ଼ ଉଠି ଭୂଇଁ ର ଚାରି ପଟେ ପ୍ରତି ପାର୍ଶ୍ୱରେ ୬ ଟି ଲେଖାଏଁ ଛିଆଣ ସଂଯୋଗ ହୋଇ ତୃତୀୟ ଭୂଇଁ ଫ୍ରେମ୍ ମାଝୀ ଭୂଇଁ ଉପରେ ସ୍ଥାପିତ ହୋଇଛି । ଆଜି ତିନିରଥର ଗୋଟିଏ ଗୋଟିଏ ଡ଼ମକ ଚାରି ନାହାକା କୁ ଲାଗି କଣ୍ଟା ବାଡ଼ିଆ ଶେଷ ହୋଇଛି। ତାଳଧ୍ୱଜ ରଥ ଏବଂ ନନ୍ଦି ଘୋଷ ରଥର ଆଗ ଆଣି ଏବଂ ପଛ ଆଣି ଦୁଇଟି ଲେଖାଏଁ ଡ଼ମକ ପଡୁଥିବା ବେଳେ ଦର୍ପଦଳନ ରଥର ତିନି ଗୋଟି ଡ଼ମକ ପଡ଼ିଥାଏ, ଏହି ଡ଼ମକ ଉପରେ ପଟା ବାଡ଼ିଆ ଯାଇ ତିନିରଥର ବେଦୀ ସିଂହାସନ ନିର୍ମାଣ ହୋଇଥାଏ। ଏହି ଡ଼ମକ ଚାରି ନାହାକା କୁ ସୁଦୃଢ କରି ବାନ୍ଧି ରଖିଥାଏ।ରୂପକାର ସେବକ ମାନେ ତିନିରଥର ଦୁଆର ବେଢ଼ାରେ ଲାଗିବା ପାଇଁ ୮ ଟି ଲେଖାଏଁ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଶେଷ କରି ବାକି ଚାରୋଟି ଲେଖାଏଁ ନାଟ ଗୋଡ଼ରେ ରୂପ ଖୋଦେଇ ସହ ତିନିରଥର ଗୋଟିଏ ଗୋଟିଏ ଚାର ପରିଛା ରେ ପାଞ୍ଚୋଟି ଲେଖାଏଁ ପଦ୍ମ ଫୁଲ ସହ ଡାଳି ଲତା ପଦ୍ମ କାଢ଼ି ଚିତ୍ର ଖୋଦେଇ ଜାରୀ ରଖିଛନ୍ତି। ଦୋଳ ବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ ତିନିରଥର ତୃତୀୟ ଭୂଇଁ କଣ୍ଟା ନିର୍ମାଣ କରି ରଥ ଖଳାକୁ ଯୋଗାଇ ଦେବା ସହ ତିନିରଥର କଣ୍ଟା ପୋଟଳ ପାଇଁ ଗୋଡ଼ିଛାଲ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ଦୋଳ ବେଦୀ ଠାରେ ପାହି ମହାରଣା ମାନେ ଅଣସର ଏବଂ ରଥଯାତ୍ରା ନିମନ୍ତେ ସେବାପୂଜା ପାଇଁ କାଠ, ବାଉଁଶ ନିର୍ମିତ ସରଞ୍ଜାମ ନିର୍ମାଣ ଜାରୀ ରଖିଛନ୍ତି। ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟରେ ନିର୍ମାଣକାରୀ ସେବକ ମାନେ ନିମଗ୍ନ ରହିଛନ୍ତି ।

ପ୍ରତିଶବ୍ଦ TV

ଭୁବନେଶ୍ୱର, ୧୩ ଜୁନ୍ ୨୦୨୬

ସମ୍ପାଦକୀୟ

ଗତିଶୀଳ ବିଚାର ପ୍ରକ୍ରିୟା !

ବିଚାରପତିଙ୍କ ସଂଖ୍ୟା ବୃଦ୍ଧିପାଇଛି । ଭାରତର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍ କୋର୍ଟ । ଦେଶ ଓ ଦେଶବାସୀଙ୍କୁ ନ୍ୟାୟ ପ୍ରଦାନ କରିବାର ଏକମାତ୍ର ବୃହତ୍ତମ ନ୍ୟାୟାଳୟ । ଜାତୀୟ ହେଉ କି ଅନ୍ତର୍ଜାତୀୟ ସମସ୍ୟା, ସବୁଥିରେ.. ସବୁ ସମୟରେ ଭାରତକୁ ନ୍ୟାୟ ପ୍ରଦାନ କରିବା କ୍ଷେତ୍ରରେ ଅତି ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ଆସିଛନ୍ତି ସୁପ୍ରିମ କୋର୍ଟ । ଯେବେଠାରୁ ନୂଆଦିଲ୍ଲୀର ମେନ୍ ବିଲ୍ଡିଂରୁ ୨୬ ଜାନୁଆରୀ ୧୯୫୦ ମସିହାରୁ ସମ୍ବିଧାନର ଧାରା ୧୨୪ ଅନୁସାରେ ଆରମ୍ଭ ହୋଇଥିଲା ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍ କୋର୍ଟ । ସେବେଠାରୁ ନିରନ୍ତର ନ୍ୟାୟ ପ୍ରଦାନ ଭଳି ଭାରତବାସୀଙ୍କୁ ମହତ ସେବା ଯୋଗାଇବାର ଉପକ୍ରମ ଜାରି ରଖିଛନ୍ତି ସୁପ୍ରିମ୍ କୋର୍ଟ । ପ୍ରଥମରୁ ନ୍ୟାୟାଳୟ ଗଠନ ସମୟରୁ ଯେବେ କି ମାତ୍ର ୭ଜଣ ଜଜେସଙ୍କୁ ନେଇ ଆରମ୍ଭ ହୋଇଥିଲା ସୁପ୍ରିମ୍ କୋର୍ଟ । ସମୟ ସମୟରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ପାଇ ପହଞ୍ଚିଥିଲା ୩୪ରେ ଯାହା କି ଥିଲା ଶେଷ ସଂଖ୍ୟା । ଇତି ମଧ୍ୟରେ ପ୍ରାୟ ୭୬ ବର୍ଷ ବିତିଗଲାଣି, ଏବେ କିନ୍ତୁ ବିଚାରପତିଙ୍କ୍ ସଂଖ୍ୟାରେ ଆହୁରି କିଛି ବୃଦ୍ଧି ପାଇଛି ଯାହାକୁ ଆମେ ଅହେତୁକ ଅବା ଆଶାତୀତ ବୃଦ୍ଧି ବୋଲି କହି ପାରିବା ନାହିଁ । କିଛି ବର୍ଷ ପୂର୍ବେ ଯେଉଁ ସଂଖ୍ୟା କେବଳ ୩୪ରେ ଥିଲା, ସେହି ସଂଖ୍ୟା ବୃଦ୍ଧି ପାଇ ଏବେ ପହଞ୍ଚିଛି ୩୮ରେ । ସମୁଦାୟ ଜଜେସ୍ ୩୭ ଯାହାଙ୍କ୍ ସହିତ ଅଛନ୍ତି ସୁପ୍ରିମ୍ କୋର୍ଟ ମୁଖ୍ୟ ବିଚାରପତି । ସୁପ୍ରିମ୍ କୋର୍ଟରେ ସର୍ବପ୍ରଥମ ବିଚାରପତି ଭାବେ ସିଜେଆଇ ଏଚ୍ ଜେ କନିଆଙ୍କ କାର୍ଯ୍ୟକାଳରୁ ଆରମ୍ଭକରି ଏଯାବତ୍ ସର୍ବମୋଟ୍ ୫୨ ବ୍ୟକ୍ତିବିଶେଷ ସୁପ୍ରିମ୍ କୋର୍ଟରେ ମୁଖ୍ୟ ବିଚାରପତି ଭାବେ ନିଜର କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିସାରିଛନ୍ତି । ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଭାରତର ୫୩ ତମ ମୁଖ୍ୟ ବିଚାରପତି ଯେ କି ୨୪ ନଭେମ୍ବର ୨୦୨୫ରୁ ଆରମ୍ଭ କରିଛନ୍ତି ନିଜର କାର୍ଯ୍ୟକାଳ । ତେବେ ଭାରତର ସର୍ବୋଚ୍ଚ ସାମ୍ବିଧାନିକ ମୁଖ୍ୟ ତଥା ଦେଶର ପ୍ରଥମ ନାଗରିକଙ୍କ ଅନୁମୋଦନ କ୍ରମେ ଏବେ ସୁପ୍ରିମ୍ କୋର୍ଟରେ ନିଯୁକ୍ତି ପାଇଛନ୍ତି ଆଉ ୫ ବିଚାରପତି । ଭାରତର ରାଷ୍ଟ୍ରପତି ସୁପ୍ରିମ୍ କୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ପରାମର୍ଶ କରି ଯେଉଁ ବିଚାରପତିମାନଙ୍କୁ ନିଯୁକ୍ତି ଦେଇଛନ୍ତି, ସେମାନଙ୍କ ମଧ୍ୟରେ ଦେଶର ବିଭିନ୍ନ ହାଇକୋର୍ଟରେ କାର୍ଯ୍ୟରତ କେତେକେ ମୁଖ୍ୟ ବିଚାରପତି ରହିଛନ୍ତି,ଯେଉଁମାନେ ଏବେ ସୁପ୍ରିମ କୋର୍ଟରେ ଜଣେ ଜଣେ ଜଜ୍ ଭାବରେ ନିଜର କାର୍ଯ୍ୟକାଳ ଆରମ୍ଭ କରିବେ । ତେବେ ଏକ ବିଶେଷ କଥା ହେଲା ନବନିଯୁକ୍ତ ସେହି ବିଚାରପତିମାନଙ୍କ ମଧ୍ୟରେ କୋଏମ୍ବାଟୁରର ଜଣେ ମହିଳା ବିଚାରପତି ମଧ୍ୟ ଅଛନ୍ତି ଭି ସୁବ୍ରମଣି ମୋହନା ଯେ କି ନିଯୁକ୍ତି ପୂର୍ବରୁ ସେ କେବଳ ଜଣେ ବରିଷ୍ଠ ଆଇନଜୀବୀ ଥିଲେ ଯାହାକି ସୁପ୍ରିମ୍ କୋର୍ଟ ଇତିହାସରେ ଏକ ବିଶେଷ ଘଟଣା ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ ଭାରତର ଉଚ୍ଚନ୍ୟାୟାଳୟରେ ସମୟ ସମୟରେ ବିଳମ୍ବ ହେଉଥିବା ବିଚାର ପ୍ରକ୍ରିୟା ଏବେ ଗତିଶୀଳ ହେବ ବୋଲି ଆଶା କରାଯାଇପାରେ । ହେଲେ ବାସ୍ତବ କ୍ଷେତ୍ରରେ କିଭଳି ସ୍ଥିତି ଉପୁଜିବ, ତାହା ତ କହିବ ଆଗାମୀ ସମୟ । କେବଳ ସୁପ୍ରିମ୍ କୋର୍ଟ ନୁହେଁ ଭାରତର ବିଭିନ୍ନ ରାଜ୍ୟରେ ଅବସ୍ଥିତ ବିଭିନ୍ନ ହାଇକୋର୍ଟ ମାନଙ୍କରେ ମଧ୍ୟ ଅନେକ ସମୟରେ ଅନେକ କେସ୍ ସେମିତି ପେଣ୍ଡିଙ୍ଗ୍ ପଡ଼ିରହୁଛି ଯାହାର ତ୍ୱରିତ ସମାଧାନ ଦିଗରେ ସଂପୃକ୍ତ ହାଇକୋର୍ଟ ସେମିତି କିଛି ତ୍ୱରିତ ପଦକ୍ଷେପ ନେଇପାରୁନାହିଁ । ବିଚାର ପ୍ରକ୍ରିୟାରେ ଅନେକ ସମୟରେ ମାତ୍ରାଧିକ ବିଳମ୍ବ କାରଣରୁ ଭାରତ ଭଳି ଏକ ଅର୍ଦ୍ଧ ବିକଶିତ ରାଷ୍ଟ୍ରରେ ବସବାସ କରୁଥିବା ସାଧାରଣ ନାଗରିକ ଯେ କିଭଳି ଭାବେ ହଇରାଣ ହରକତ ହେଉଥିବେ, ତାହା ଅତି ସ୍ପଷ୍ଟ ଭାବେ ଅନୁମେୟ । ସୁପ୍ରିମ କୋର୍ଟଙ୍କ ବାରମ୍ବାର ତାଗିଦ୍ ସତ୍ତ୍ୱେ ତଥାପି ଆସୁନି ପରିବର୍ତ୍ତନ । ଯେଉଁ ବିଳମ୍ବକୁ ସେଇ ବିଳମ୍ବ । ଏଇ ମାତ୍ର ନବନିଯୁକ୍ତ ୫ଜଣ ବିଚାରପତିଙ୍କ ମାଧ୍ୟମରେ ଭାରତର ବିଳମ୍ବିତ ନ୍ୟାୟ ପ୍ରଦାନ ବ୍ୟବସ୍ଥାରେ ଯେ ସେମିତି କିଛି ତ୍ୱରିତ୍ ପରିବର୍ତ୍ତନ ଆସିପାରିବ , ସେମିତି କିଛି ଏବେଠାରୁ କହିହେବନି । ସାଧାରଣ ମତରେ ଯେଯାବତ୍ ଗଣତନ୍ତ୍ରର ତିନିସ୍ତମ୍ଭ ମଧ୍ୟରେ ଉପଯୁକ୍ତ ସମନ୍ୱୟ ସ୍ଥାପନ ସମ୍ଭବ ହୋଇନି, ସେଯାବତ୍ ଭାରତର ନ୍ୟାୟାଳୟମାନଙ୍କରେ ବିଳମ୍ବିତ ନ୍ୟାୟ ପ୍ରଦାନ ପ୍ରକ୍ରିୟା ଜାରି ରହିବ । ସେଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ କେତେକ ବିଶେଷ ପରିବର୍ତ୍ତନ ଆଣିବା ଦରକାର ।

ରାଜାଙ୍କ ବିଚାର

ଭାରତର ଦକ୍ଷିଣରେ ଜଣେ ଧାର୍ମିକ ରାଜା ରହୁଥାନ୍ତି । ତାଙ୍କ ଶାସନ କାଳରେ ରାଜ୍ୟରେ କେହି ବି ସେମିତି ଅସୁବିଧାରେ ରହୁନଥିଲେ । ଯାହାର ଯାହା ବି ଅସୁବିଧା ହେଉଥିଲା, ସେମାନେ ଅଚିରେ ତାଙ୍କ ସମସ୍ୟା ନେଇ ରାଜାଙ୍କ୍ ପାଖକୁ ଧାଇଁ ଆସୁଥିଲେ । ରାଜା ବି କାହାକୁ ସେମିତି ଖାଲିହାତରେ ଫେରାଉ ନଥିଲେ । ସମସ୍ତଙ୍କ ସମସ୍ୟା ସମାଧାନ ଦିଗରେ ରାଜା ବି ସେହିଭଳି କିଛି ତୁରନ୍ତ ପଦକ୍ଷେପ ନେଉଥିଲେ । କାହାକୁ ନିରାଶ କରୁ ନଥିଲେ କି କାହାପ୍ରତି ଅବିଚାର ମଧ୍ୟ କରୁନଥିଲେ । ଯିଏ ବି ଯେଉଁଭଳି ବିଚାରଧାରା ନେଇ ଆସୁଥିଲେ କିମ୍ବା ଯିଏ ଯାହା ବି ଅଭିଯୋଗ ନେଇ ଆସୁଥିଲେ, ରାଜା କେବେ ବି କାହା ସପକ୍ଷରେ ଯାଉନଥିଲେ କି କେବେ କାହା ବିପକ୍ଷରେ ମଧ୍ୟ ଯାଉନଥିଲେ । ସମସ୍ତଙ୍କୁ ଉପଯୁକ୍ତ ବିଚାର ପ୍ରଦାନ କରୁଥିଲେ । ସମସ୍ତଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ସର୍ବଦା ତାଙ୍କ ଉଦ୍ୟମ ଜାରି ରଖିଥିଲେ । ସବୁଦିନ ରାଜାଙ୍କ ପାଖକୁ କିଛି ନା କିଛି ସମସ୍ୟା ନେଇ ଅବା କିଛି ନା କିଛି ଅଭିଯୋଗ ନେଇ କେହି ନା କେହି ଆସନ୍ତି ଏବଂ ରାଜା ସେ ସବୁର ଉପଯୁକ୍ତ ସମାଧାନ ଦିଗରେ ତାଙ୍କର ଉପଯୁକ୍ତ ବିଚାର ପ୍ରଦାନ କରନ୍ତି । ଥରେ ଦୁଇ ଜଣ ହଠାତ ଆସି ରାଜଦରବାରରେ ପହଞ୍ଚଲେ ଏବଂ ରାଜାଙ୍କ୍ ଠାରୁ ତାଙ୍କର ସମସ୍ୟା ନେଇ ଉପଯୁକ୍ତ ସମାଧାନ ଆଶା କଲେ । ରାଜ ଦରବାରରେ ବିଚାରକାର୍ଯ୍ୟର ସମୟ ସେତେବେଳେ ସରି ଆସୁଥିବାରୁ ରାଜାଙ୍କ ସ୍ୱତନ୍ତ୍ର ପ୍ରତିନିଧି ସେମାନଙ୍କୁ ଫେରାଇଦେଇ ପରଦିନ ଆସିବାକୁ କହିବାରୁ ସେମାନେ କିନ୍ତୁ ରାଜଦରବାର ଛାଡ଼ି ଯିବାକୁ ସେମାନଙ୍କର ଅନିଚ୍ଛା ଜାହିର କଲେ । ରାଜ ଦରବାରକୁ ବହୁ ଦୂରରୁ ବହୁ ଆଶା ନେଇ ଆସିଥିବା ସେହି ଦୁଇଜଣ କିନ୍ତୁ ଜିଦ୍ କରିବାରୁ ଶେଷରେ ରାଜାଙ୍କ ସ୍ୱତନ୍ତ୍ ମନ୍ତ୍ରୀ ରାଜାଙ୍କ ଅନୁମତି ନେଇ ସେମାନଙ୍କୁ ରାଜ ଦରବାରରେ ଅନ୍ତତଃ ସେହି ରାତିଟା ରହିବା ପାଇଁ ଅନୁମତି ପ୍ରଦାନ କଲେ । ସକାଳୁ ସେମାନଙ୍କର ସେମାନଙ୍କର ବିଚାର ହେବା ବେଳକୁ ସେମାନେ କିନ୍ତୁ ସେହି ରାଜ ଦରବାରରୁ ସେ ଦୁହେଁ କିନ୍ତୁ ଫେରାର୍ ହୋଇଯାଇଥିଲେ । ରାଜା ପୁନଃ ଏକାଧିକ ସୈନ୍ୟ ସାମନ୍ତ ପଠାଇ ସେମାନଙ୍କୁ ଦିନକ ମଧ୍ୟରେ ଖୋଜିଆଣି ଦରବାରରେ ହାଜର କରିବାପରେ ସେମାନେ ନିଜ ନିଜ ମଧ୍ୟରେ ସେମାନଙ୍କର ବିବାଦ ସମାଧାନ କରିଦେଇଥିବା କଥା ରାଜାଙ୍କ ଆଗରେ ସ୍ୱୀକାର କଲେ । ତେବେ ରାଜା ସେମାନଙ୍କୁ ପୁନଃ ଦଣ୍ଡ ବିଧାନ ସ୍ୱରୂପ ଆଉ ଦୁଇଦିନ ତାଙ୍କ ରାଜ ଦରବାରରେ ରହିବାକୁ ନିର୍ଦ୍ଦେଶ ଦେଲେ । ରାଜାଙ୍କ୍ ବିଚାର ବି ଥିଲା ଅତି ବିଚିତ୍ର ।

ଶାନ୍ତି ଓ ପରିବର୍ତ୍ତନରେ ମୁସଲିମ୍ ମହିଳା

କିଶୋର ରଥ

ଭାରତର ସାମାଜିକ ଗଠନ ସଦା ବିବିଧତା, ସହାବସ୍ଥାନ ଏବଂ ସାମୂହିକ ଅଂଶଗ୍ରହଣର ମୂଲ୍ୟବୋଧ ଦ୍ୱାରା ଆକୃତି ପାଇଆସିଛି । କିନ୍ତୁ ସାମ୍ପ୍ରଦାୟିକ ଧ୍ରୁବୀକରଣ ଏବଂ ଭାବପ୍ରବଣ ବିଖଣ୍ଡନରେ ଚିହ୍ନିତ ବର୍ତ୍ତମାନ ସମୟରେ ଶନ୍ତି ସ୍ଥାପନ ଓ ନୀତି ନର୍ଦ୍ଧାରଣ ସମ୍ବନ୍ଧୀୟ ଆଲୋଚନାରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱର ପ୍ରାୟତଃ ଅବହେଳିତ ରହିଯାଉଛି- ସେହି ସ୍ୱର ହେଉଛି ମହିଳା ମାନଙ୍କର । ସମ୍ପ୍ରଦାୟ ମଧ୍ୟରେ ମହିଳାମାନେ ଦୀର୍ଘଦିନ ଧରି ପରିବାର, ପଡ଼ୋଶୀ ଏବଂ ସାମାଜିକ ଗୋଷ୍ଠିଗୁଡ଼ିକ ମଧ୍ୟରେ ସମନ୍ୱୟ ଓ ସୌହାର୍ଦ୍ଦ୍ୟର ନୀରବ ସେତୁବନ୍ଧ ଭାବେ କାର୍ଯ୍ୟ କରିଆସୁଛନ୍ତି । ତଥାପି ଆନୁଷ୍ଠାନିକ ନିଷ୍ପତି ଗ୍ରହଣ ପ୍ରକ୍ରିୟା ଓ ନୀତି-ନିର୍ଦ୍ଧାରଣ ମଞ୍ଚଗୁଡ଼ିକରେ ସେମାନଙ୍କର ଅଂଶଗ୍ରହଣ ଏପର୍ଯ୍ୟନ୍ତ ସୀମିତ ରହିଛି, ଯାହା ଶାନ୍ତି ଓ ସାମାଜିକ ସମରସତା ଗଠନରେ ସେମାନଙ୍କର ସମ୍ଭାବ୍ୟ ଅବଦାନକୁ ପୂର୍ଣ୍ଣ ଭାବେ ପ୍ରତିଫଳିତ କରିପାରିନାହିଁ ।

ମୁସଲିମ୍ ସମାଜରେ ମହିଳାଙ୍କ ସୀମିତ ଅଂଶଗ୍ରହଣକୁ ପ୍ରାୟତଃ ପରମ୍ପରା ନାମରେ ଯଥାର୍ଥ କରାଯାଏ, କିନ୍ତୁ ଇସଲାମିକ ଇତିହାସ ଏକ ଭିନ୍ନ ଚିତ୍ରପ୍ରଦର୍ଶନ କରେ । ଇସଲାମ ମହିଳା ମାନଙ୍କୁ କେବଳ ନିଷ୍କ୍ରିୟ ପର୍ଯ୍ୟବେକ୍ଷକ ଭାବେ ନୁହେଁ, ବରଂ ଜ୍ଞାନ, ପରାମର୍ଶ, ବାଣିଜ୍ୟ ଓ ସମ୍ପ୍ରଦାୟ ନେତୃତ୍ୱର ସକ୍ରିୟ ଅଂଶୀଦାର ଭାବେ ସ୍ୱୀକୃତି ଦେଇଛି । ପ୍ରାରମ୍ଭିକ ଇସଲାମିକ ସମାଜର ଅନେକ ମାହିଳା ରାଜନୈତିକ ନିଷ୍ପତି, ସମାଜିକ ସଂସ୍କାର ଏବଂ ବୌଦ୍ଧିକ ଜୀବନକୁ ପ୍ରଭାବିତ କରିଥିଲେ । ସେମାନଙ୍କର ଉଦାହରଣ ଏହି ଧାରଣାକୁ ଖଣ୍ଡନ କରେ ଯେ ସାର୍ବଜନୀନ କ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣ ଧାର୍ମିକ ମୂଲ୍ୟବୋଧ ସହିତ ଅସଙ୍ଗତ । ଆଜିର ଭାରତରେ ଯେଉଁଠାରେ ସାମାଜିକ ସଂହତି ଓ ସଂଳାପର ଆବଶ୍ୟକ ?ତା ବଢୁଛି ସେଠାରେ ମୁସଲିମ ମହିଳାମାନେ ଶାନ୍ତି ସ୍ଥାପନ ଓ ନୀତିଗତ ସଂସ୍କାରର ଗୁରୁତ୍ୱପୂର୍ଣ୍ଣ ଅଭିକର୍ତ୍ତା ହୋଇପାରନ୍ତି । ସେମାନଙ୍କର ଅନ୍ତର୍ଭୁକ୍ତି କେବଳ ପ୍ରତିନିଧିତ୍ୱର ପ୍ରଶ୍ନ ନୁହେଁ, ବରଂ ଏକ ଅଧିକ ଅନ୍ତର୍ଭୁକ୍ତିମୂଳକ ଓ ଗଣତାନ୍ତ୍ରିକ ସମାଜ ଗଠନର ଆବଶ୍ୟକତା ।

ଇସଲାମିକ ସାମାଜରେ ମାହିଳାମାନଙ୍କର ଅଂଶଗ୍ରହଣର ମୂଳଦୁଆ ଇସଲାମର ଆରମ୍ଭରୁ ହିଁ ପଡ଼ିଥାଏ । ଖାଦିଜା ବିନ୍ତୁ ଖୁୱାଇଲିଦ କେବଳ ଜଣେ ସଫଳ ଉଦ୍ୟୋଗୀ ନଥିଲେ ବରଂ ପ୍ରାରମ୍ଭିକ ମୁସଲିମ ସମ୍ପ୍ରଦାୟକୁ ସମର୍ଥନ କରୁଥିବା ସବୁଠାରୁ ଶକ୍ତିଶାଳୀ ସ୍ତମ୍ଭ ମଧ୍ୟରୁ ଜଣେ ଥିଲେ । ତାଙ୍କର ଜ୍ଞାନ, ଆର୍ଥିକ ସ୍ୱାଧୀନତା ଏବଂ ଭାବପ୍ରବଣ ସ୍ଥିରତା ଅତ୍ୟନ୍ତ ଅନିଶ୍ଚିତତା ଏବଂ ନିର୍ଯାତନାର ସମୟରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା । ତାଙ୍କ ଜୀବନ ଏକ ସ୍ମରଣକାରୀ ହୋଇ ରହିଛି ଯେ ଇସଲାମରେ ମହିଳାମାନଙ୍କୁ ନେତୃତ୍ୱ ଏବଂ ପ୍ରଭାବ କେବେବି ପ୍ରତ୍ୟାଖ୍ୟାନ କାରାଯାଇ ନଥୁଲା । ସେହିପରି ଆୟଶା ବିଣ୍ଟ୍ ଆବୁ ବକର ଇସଲାମିକ ଇତିହାସର ଜଣେ ମହାନ ବୁଦ୍ଧିଜୀବୀ ଭାବରେ ଉଭା ହୋଇଥିଲେ । ବିଦ୍ୟାନ, ଆଇନବିତ୍ ଏବଂ ସାଥୀମାନେ ଆଇନ, ଶାସନ ଏବଂ ବିଶ୍ୱାସ ବିଷୟରେ ତାଙ୍କର ମାର୍ଗଦର୍ଶନ ଲୋଡ଼ିଥିଲେ । ତାଙ୍କ ବିଦ୍ୱାନତା ମାଧ୍ୟମରେ ହଜାର ହଜାର ବର୍ଣ୍ଣନା ଏବଂ ଆଇନଗତ ବ୍ୟାଖ୍ୟା ସଂରକ୍ଷିତ ହଇଥିଲା । ତାଙ୍କର ଅବଦାନ ଦର୍ଶାଏ ଯେ ମୁସଲିମ ମାହିଳାମାନେ ଐତିହାସିକ ଭାବରେ ବୌଦ୍ଧିକ କର୍ତ୍ତୃତ୍ୱ ଏବଂ ସାର୍ବଜନୀନ ସମ୍ମାନର ସ୍ଥାନ ଅଧିକାର କରିଥିଲେ । ଇତିହାସ ଫାତିମା ଅଲ-ଫିହରିୟାଙ୍କୁ ମଧ୍ୟ ମନେ ରଖେ କାରଣ ସେ ବିଶ୍ୱର ସବୁଠାରୁ ପୁରୁଣା ବିଶ୍ୱବିଦ୍ୟାଳୟ ମଧ୍ୟରୁ ଗୋଟିଏ ପ୍ରତିଷ୍ଠା କରିଥିଲେ । ତାଙ୍କର ଅବଦାନ ଶିକ୍ଷାଗତ ଏବଂ ସାମାଜିକ ପ୍ରତିଷ୍ଠାନ ଗଠନରେ ମୁସଲିମ ମହିଳାମାନେ ଯେଉଁ ଗଭୀର ବୌଦ୍ଧିକ ଏବଂ ସଭ୍ୟତାମୂଳକ ଭୂମିକା ଗ୍ରହଣ କରିଥିଲେ ତାହାର ପ୍ରତୀକ ।

ତଥାପି ଏହି ସମୃଦ୍ଧ ଐତିହ ସତ୍ତ୍ୱେ, ଆଜି ମଧ୍ୟ ଅନେକ ମୁସଲିମ ସମାଜରେ ମହିଳାଙ୍କ ଅଂଶଗ୍ରହଣ ପ୍ରାୟତଃ ପ୍ରତୀକାତ୍ମକ ସ୍ତରରେ ସୀମିତ ରହିଛି । ଭାରତରେ ସାମାଜିକ ସଂଙ୍କଟ ସମୟରେ ସେମାନଙ୍କର ଉପସ୍ଥିତି ଦୃଶ୍ୟମାନ ହେଲେ ମଧ୍ୟ, ନିଷ୍ପତ୍ତି ଗ୍ରହଣର ମଞ୍ଚଗୁଡ଼ିକରେସେମାନଙ୍କର ପ୍ରତିନିଧିତ୍ୱ, ଏପର୍ଯ୍ୟନ୍ତ ସୀମିତ । ସମ୍ପ୍ରଦାୟ କମିଟି, ଶିକ୍ଷାନୁଷ୍ଠାନ, ସାମାଜିକ ସଂଗଠନ ଓ ଶାନ୍ତି ନିର୍ମାଣ ପଦକ୍ଷେପରେ ସେମାନଙ୍କର ଭୂମିକା ଆବଶ୍ୟକତା ତୁଳନାରେ ଯଥେଷ୍ଟ କମ୍ ରହିଛି

ଏହିପରି ବାଦ୍ ପଡ଼ିବା ହିଁ ସମାଜକୁ ଦୁର୍ବଳ କରେ, କାରଣ ମହିଳାମାନେ ସାମାଜିକ ବାସ୍ତବାତାର ପ୍ରଭାବକୁ ଅଧିକ ନିକଟରୁ ଅନୁଭବ କରନ୍ତି । ବେକାରୀ, ସାମ୍ପ୍ରଦାୟିକ ଉତ୍ତେଜନା, ଶିକ୍ଷାର ନିମ୍ନଗାମୀ ଓ ପାରିବାରିକ ଅସ୍ଥିରତା ପରି ସମସ୍ୟାଗୁଡ଼ିକର ପ୍ରଭାବ ସେମାନେ ପ୍ରାୟତଃ ପ୍ରଥମେ ଦେଖନ୍ତି ଓ ଅନୁଭବ କରନ୍ତି । ସେଥିପାଇଁ ସେମାନଙ୍କର ଜୀବନ୍ତ ଅଭିଜ୍ଞତା ଫଳପ୍ରଦ ନୀତି ନିର୍ଦ୍ଧାରଣ ଓ ଦ୍ୱନ୍ଦ ସମାଧାନ ପାଇଁ ମୂଲ୍ୟବାନ ଦୃଷ୍ଟିକୋଣ ପ୍ରଦାନ କରେ ।

ସାରା ଭାରତରେ ଅନେକ ମୁସଲିମ ମହିଳା ଶିକ୍ଷୟିତ୍ରୀ, ସାମାଜିକ କର୍ମୀ, ପରାମର୍ଶଦାତା ଓ ସମ୍ପ୍ରଦାୟ ନେତୃତ୍ୱକାରୀ ଭାବେ ଶାନ୍ତି ଏବଂ ସାମାଜିକ ସମରସତା ପାଇଁ କାର୍ଯ୍ୟ କରୁଛନ୍ତି । ଅବିଶ୍ୱାସ ଓ ଧ୍ରୁବୀକରଣର ପରିବେଶରେ ସେମାନେ ପରିବାର ଓ ସମ୍ପ୍ରଦାୟ ମଧ୍ୟରେ ସଂଳାପ, ସହାନୁଭୂତି ଓ ସାହାବସ୍ଥାନର ମୂଲ୍ୟବୋଧକୁ ସୁଦୃଢ଼ କରୁଛନ୍ତି । ସେମାନଙ୍କର ଅବଦାନ ସର୍ବଦା ଦୃଶ୍ୟମାନ ନହେଲେ ମଧ୍ୟ, ଶାନ୍ତି ଓ ସାମାଜିକ ସ୍ଥିରତା ରକ୍ଷାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ସାମାଜିକ ଗଣମାଧ୍ୟମର ଭୁଲ ସୂଚନା ଓ ବିଭାଜନକାରୀ ପ୍ରଭାବ ଯେତେବେଳେ ଯୁବ ପିଢ଼ିକୁ ପ୍ରଭାବିତ କରୁଛି, ସେତେବେଳେ ନେତୃତ୍ୱ କ୍ଷେତ୍ରରେ ମହିଳାଙ୍କ ଅନ୍ତର୍ଭୁକ୍ତି ଅଧିକ ଗୁରୁତ୍ୱପୂର୍ଣ୍ଣ ହେଇଯାଏ । ମା, ଶିକ୍ଷକ ଓ ସମ୍ପ୍ରଦାୟ ପରାମର୍ଶଦାତା ଭାବେ ସେମାନେ ନୈତିକ ଚେତନା ଓ ସମାଜିକ ମୂଲ୍ୟବୋଧ ଗଠନରେ ନିର୍ଣ୍ଣାୟକ ଭୂମିକା ନିଭାନ୍ତି । ତେଣୁ ନୀତି ଆଲୋଚନାରୁ ମାହିଳାଙ୍କୁ ବାଦ୍ ଦେବା ଅର୍ଥ, ସଂଘର୍ଷ ରୋକିବା ଏବଂ ସଂଳାପକୁ ସୁଦୃଢ଼ କରିବାର ଏକ ମୂଲ୍ୟବାନ ସାମାଜିକ ଅବହେଳା କରିବା । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମୁସଲିମ ସମାଜରେ ମହିଳାଙ୍କ ସଶକ୍ତକରଣକୁ ପରମ୍ପରାର ପରିତ୍ୟାଗ ଭାବେ ନୁହେଁ, ବରଂ ଇସଲାମର ମୂଳ ନୀତି- ନ୍ୟାୟ, ପରାମର୍ଶ, ମର୍ଯ୍ୟାଦା ଓ ସାମୂହିକ ଦାୟିତ୍ୱ- ପ୍ରତି ପ୍ରତ୍ୟାବର୍ତ୍ତନ ଭାବେ ବୁଝିବା ଉଚିତ୍ । କୁରାନ ପୁରୁଷ ଓ ମହିଳା ଉଭୟଙ୍କର ନୈତିକ ଦାୟିତ୍ୱ ଓ ବୌଦ୍ଧିକ ଅବଦାନକୁ ସମାନ ଭାବରେ ସ୍ୱୀକାର କରେ । ତେଣୁ ସାର୍ବଜନୀନ ଜୀବନରେ ମହିଳାଙ୍କ ସୀମିତ ଅଂଶଗ୍ରହଣ ଧାର୍ମିକ ଶିକ୍ଷା ଅପେକ୍ଷା ସାମାଜିକ ଓ ପିତୃସତ୍ତାତ୍ମକ ଧାରଣାର ପରିଣାମ ।

ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧ ମହିଳାଙ୍କ ଅନ୍ତର୍ଭୁକ୍ତି ଆବଶ୍ୟକତାକୁ ଆହୁରି ସୁଦୃଢ଼ କରେ । ସମାଜର ଅଧା ଜନସଂଖ୍ୟାର ସ୍ୱରକୁ ଅବହେଳା କରି କୌଣସି ରାଷ୍ଟ୍ର ସ୍ଥାୟୀ ପ୍ରଗତି ହାସଲ କରିପାରେ ନାହିଁ । ଶାନ୍ତି ଓ ସାମାଜିକ ସଂହତି ପାଇଁ ସମସ୍ତ ବର୍ଗର ଅଂଶଗ୍ରହଣ ଆବଶ୍ୟକ, ବିଶେଷକରି ସେହି ମହିଳାମାନଙ୍କର ଯେଉଁମାନେ ତୃଣମୂଳ ସ୍ତରରେ ସମ୍ପ୍ରଦାୟକୁ ସୁଦୃଢ଼ କରନ୍ତି । ମୁସଲିମ ମହିଳାମାନେ ସମ୍ପ୍ରଦାୟ, ପିଢ଼ି ଓ ଅନୁଷ୍ଠାନ ମଧ୍ୟରେ ସେତୁବନ୍ଧ ହୋଇପାରନ୍ତି, ଯଦି ସେମାନଙ୍କର ନେତୃତ୍ୱକୁ ସ୍ୱୀକୃତି ଓ ସମର୍ଥନ ମିଳେ ।

ସମସାମୟିକ ଭାରତରେ, ଯେଉଁଠାରେ ସାମାଜିକ ସମନ୍ୱୟ ବିଭିନ୍ନ ଆହ୍ୱାନର ସମ୍ମୁଖୀନ, ସେଠାରେ ମୁସଲିମ ମହିଳାଙ୍କ ଅଂଶଗ୍ରହଣ ପୂର୍ବାପେକ୍ଷା ଅଧିକ ଜରୁରୀ । ଶିକ୍ଷା, କଲ୍ୟାଣ, ଶାନ୍ତି ଓ ସମ୍ପ୍ରଦାୟ ସଂସ୍କାର ସମ୍ବନ୍ଧୀୟ ନିଷ୍ପତ୍ତିରେ ସେମାନଙ୍କ ଭୂମିକା କେବଳ ସାଙ୍କେତିକ ନୁହେଁ, ବରଂ ନେତୃତ୍ୱ,ମୂଳକ ହେବା ଉଚିତ । ସେମାନେ ପରିବର୍ତ୍ତନର କେବଳ ଲାଭାର୍ଥୀ ନୁହଁନ୍ତି, ବରଂ ତାହାର ସକ୍ରିୟ ନିର୍ମାତା । ପ୍ରକୃତ ଶାନ୍ତି ସହଭାଗିତା, ସଂଳାପ ଓ ପାରସ୍ପରିକ ଦାୟିତ୍ୱବୋଧରୁ ଜନ୍ମ ନିଏ । ତେଣୁ ଶାନ୍ତି ନିର୍ମାଣ ଓ ନୀତି ନିର୍ଦ୍ଧାରଣରେ ମୁସଲିମ ମହିଳାଙ୍କ ଅନ୍ତର୍ଭୁକ୍ତି କେବଳ ଇସଲାମିକ ଐତିହ୍ୟକୁ ସମ୍ମାନ ଦେବ ତାହା ନୁହେଁ, ବରଂ ଭାରତର ଗଣତାନ୍ତ୍ରିକ ଓ ବହୁଳବାଦୀ ମୂଲ୍ୟବୋଧକୁ ମଧ୍ୟ ସୁଦୃଢ଼ କରିବ ।

ଚକେଇସିହାଣୀ
୯୮୬୧୦୨୮୩୫୫

'ଇବୋଲା', ଶିଶୁ ସ୍ୱାସ୍ଥ୍ୟ ଓ ସୁସ୍ଥତା

ପ୍ରଫେସର ଡାକ୍ତର
ଜ୍ୟୋତିରଞ୍ଜନ ଚମ୍ପତିରାୟ

'ଇବୋଲା' ଭାଇରସ ସାରା ବିଶ୍ୱରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆତଙ୍କ ଦେଖା ଦେଇଥିବାବେଳେ କେନ୍ଦ୍ର ସରକାର ସ୍ପଷ୍ଟ ନିର୍ଦ୍ଦେଶାବଳୀ ଘୋଷଣା କରିଛନ୍ତି । ଦେଶରେ ଏ ପର୍ଯ୍ୟନ୍ତ ଇବୋଲାରେ ଇବୋଲା ସଂକ୍ରମଣ ମାମଲା ଚିହ୍ନଟ ହୋଇନାହିଁ । କିନ୍ତୁ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଘୋଷଣାନାମାରେ ସୂଚୀତ ହୋଇଛି କି ଯେ ଯେଉଁମାନେ ଇବୋଲା ପ୍ରଭାବିତ ରାଷ୍ଟ୍ରକୁ ଯାଇଛନ୍ତି ଏବଂ ସେମାନଙ୍କ ଠାରେ ଜ୍ୱର, ମୁଣ୍ଡବିନ୍ଧା, ଡାଏରିଆ, ବାନ୍ତି, ପେଟ ଟଣା, ମାଂସପେଶୀର ଯନ୍ତ୍ରଣା ଭଳି ଦେଖାଯାଉଛି ତେବେ ତୁମର ସ୍ଥାନୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କୁ ଅବଗତ କରନ୍ତୁ । ଏଥିରେ କୁହାଯାଇଛି ଇବୋଲା ପ୍ରଭାବିତ ରାଷ୍ଟ୍ରକୁ ଗତ ତିନି ସପ୍ତାହ ଭିତରେ ଯଦି ଏହି ଯାତ୍ରା କରିଥାନ୍ତି ସେଠାରୁ ଫେରିବାପରେ ତୁରନ୍ତ ପୃଥକ ରୁହନ୍ତୁ ଏବଂ ସଂଘରୋଧ ବ୍ୟବସ୍ଥା ଗ୍ରହଣ କରି ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗକୁ ସୂଚୀତ କରିବା ଜରୁରୀ । ଆଗୁଆ ରୋଗ ଚିହ୍ନଟ ହୋଇପାରିଲେ ଏହା ଜୀବନ ବଞ୍ଚାଇ ପାରିବ ଏବଂ ରୋଗ ବେଶୀ ବ୍ୟାପିବାକୁ ଦେବନାହିଁ । ବର୍ତ୍ତମାନ ଇବାଲୋ ଭାଇରସ ସଂକ୍ରମଣକୁ ନେଇ ଯେଉଁ ଆତଙ୍କ ପ୍ରକାଶ ପାଇଛି ଆସନ୍ତୁ ସର୍ବପ୍ରଥମେ ଜାଣିବା ଏହି ସଂକ୍ରମଣଟି କ'ଣ ? ଫାଇଲଭିରିଡ଼ି ପରିବାର ଅନ୍ତର୍ଗତ ଅର୍ଥୋଇବୋଲଭାଇରସ୍ ବର୍ଗର ଭୂତାଣୁ ଇବୋଲା ରୋଗ କରାଇଥାଆନ୍ତି । ଆଜି ପର୍ଯ୍ୟନ୍ତ ଛଅ ପ୍ରଜାତିର ଅର୍ଥୋଇବୋଲଭାଇରସ ଚିହ୍ନଟ କରାଯାଇଛି । ସେ ମଧ୍ୟରୁ ତିନି ପ୍ରଜାତିର ଭୂତାଣୁ ଇବୋଲା ରୋଗ ବିସ୍ତାର କରନ୍ତି ବୋଲି ଜଣାପଡ଼ିଛି । ଇବୋଲା ଭାଇରସ ଡିଜିଜ ବା (ଇଭିଡ଼ି) ହୋଇଥାଏ । ସେହିପରି, ସୁଦାନ ଭାଇରସ (ଏସୟୁଡିଭି) ସୁଦାନ ଭାଇରସ୍ ଡିଜିଜ୍ ବା 'ଏସଭିଡ଼ି' କରାଇଥାଏ ଏବଂ ବୁଣ୍ଡିବୁଗ୍ୟୋ ଭାଇରସ ବିଡ଼ିଭିବି ବୁଣ୍ଡିବୁଗ୍ୟୋ ଭାଇରସ ଡିଜିଜ୍ ବା ବିଭିଡ଼ି କରାଇଥାଏ । ୧୯୭୬ମସିହାରେ ପ୍ରଥମକରି ଇବୋଲା ରୋଗ ଚିହ୍ନଟ ହୋଇଥିଲା । ଗବେଷକମାନଙ୍କ ତଥ୍ୟ ଅନୁଯାୟୀ ଫଳଭକ୍ଷୀ ବାଦୁଡ଼ି, ବନ୍ୟ ପ୍ରାଣୀମାନେ ଏହି 'ଇବୋଲା'ର ପ୍ରାକୃତିକ ବାହାକ, କାରଣ ଏମାନେ ଅର୍ଥୋଇବୋଲଭାଇରସର ସଂକ୍ରମଣ ହୋଇଥାନ୍ତି । ଏହି ସଂକ୍ରମିତ ବନ୍ୟ ପ୍ରାଣୀମାନଙ୍କ ରକ୍ତ ହେଉ ବା ମଳ, ଏପରିକି ସେମାନଙ୍କ ଶରୀରର ସଂସ୍ପର୍ଶରେ ଯିଏ ସାମାନ୍ୟତମ ଆସୁନା କାହିଁକି କିମ୍ବା ସେମାନଙ୍କ ଶରୀରୁ କ୍ଷରିତ ଅନ୍ୟାନ୍ୟ ତଳ ପଦାର୍ଥ ସଂସ୍ପର୍ଶରେ ଆସିଲେ ମନୁଷ୍ୟ ଶରୀର ମଧ୍ୟକୁ ଏହି ଭୂତାଣୁ ପ୍ରବେଶ କରେ । ବିଶେଷକରି ଚର୍ମ ବା ମ୍ୟୁକସ ମେମ୍ବ୍ରେଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତି ଶରୀର ମଧ୍ୟକୁ ଏହି ଭୂତାଣୁ ସିଧାସଳଖ ପ୍ରବେଶ କରିଥାଏ । ଓଡ଼ିଶାରେ ସରକାରଙ୍କ ତରଫରୁ ଭୁବନେଶ୍ୱର ଏଏମ୍ସରେ ସଂଘରୋଧ ଓ ଚିକିତ୍ସା ପାଇଁ ଆଠଟି ଶଯ୍ୟା ପ୍ରସ୍ତୁତ ରହିଛି । ବିମାନ ସେବା କ୍ଷେତ୍ରରେ ଦେଖିଲେ ଭୁବନେଶ୍ୱର ବିମାନ ବନ୍ଦର ଓ ଜଳ ଜାହାଜ ଯୋଗାଯୋଗ ବ୍ୟବସ୍ଥା କ୍ଷେତ୍ରକୁ ଦେଖିଲେ ପାରାଦ୍ୱୀପ ବନ୍ଦରରେ ସରକାରୀ ଭାବେ ସ୍ୱାସ୍ଥ୍ୟ ଟିମ ପ୍ରସ୍ତୁତ ରହିଛନ୍ତି । ଇବୋଲୋ ଲକ୍ଷଣ ଥିବା ଯାତ୍ରୀ ଚିହ୍ନଟହେଲେ ତୁରନ୍ତ ଚିକିତ୍ସା ପାଇଁ ପଠାଇବାର ବ୍ୟବସ୍ଥା କରାଯାଇଛି । ସୂଚନା ଥାଉକି ଏ ପର୍ଯ୍ୟନ୍ତ ରାଜ୍ୟରେ କୌଣସି ଇବାଲୋ ରୋଗୀ ଚିହ୍ନଟ ହୋଇନାହାଁନ୍ତି । ଯଦି ଇବୋଲା ସଂକ୍ରମିତ ଓ ପ୍ରଭାବିତ ରାଷ୍ଟ୍ରକୁ ଯାଇଥିବା ଛୋଟ ପିଲା ବିଶେଷକରି ନବଜାତକଙ୍କ ପାଇଁ ଅତୀବ ଘାତକ ଓ ବିପଦଜନକ ମଧ୍ୟ । ଏହି ଭାଇରସ ହେଉଛି ଏକ ରକ୍ତସ୍ରାବୀ ଜ୍ୱରରୁ ଆରମ୍ଭ କରିଥାଏ । ପିଲାମାନଙ୍କ ପାଇଁ ବର୍ତ୍ତମାନର ଉତ୍ତପ୍ତ ପରିବେଶକୁ ଦେଖିଲେ ସେମାନଙ୍କ ପାଇଁ ଏହା ଜଟିଳତମ ପରିସ୍ଥିତି ସୃଷ୍ଟି କରିଥାଏ । ଏହି ଭୂତାଣୁ ସଂକ୍ରମଣରେ ପୀଡ଼ିତ ଶିଶୁ ମାନଙ୍କୁ ବଞ୍ଚାଇବା ଭୁବ କଷ୍ଟର ହୋଇ ପଡିଥାଏ । ଏ ପର୍ଯ୍ୟନ୍ତ ଏହି ଭୂତାଣୁର ୫ଟି ପ୍ରଜାତି ଚିହ୍ନଟ ହୋଇଛି । ସେ ମଧ୍ୟରୁ ୪ଟି ଦ୍ୱାରା ମନୁଷ୍ୟ ସଂକ୍ରମିତ ହୋଇପାରେ । ଏହି ଚାରି ପ୍ରଜାତି ହେଉଛି ବୁନ୍ଦିବୁଗ୍ୟୋ ଇବୋଲା ଭାଇରସ୍, ଜାୟରେ ଇବୋଲା ଭାଇରସ୍, ସୁଦାନ ଇବୋଲା ଭାଇରସ୍, ଟାଇ ଫରେଷ୍ଟ ଭାଇରସ୍ । ପଞ୍ଚମ ଭାଇରସ୍ ରେଷ୍ଟନ ଇବୋଲା ଭାଇରସ୍ ଦ୍ୱାରା ମନୁଷ୍ୟ ସଂକ୍ରମିତ ହୁଏ ନାହିଁ । ଟାଇଫରେଷ୍ଟ ଓ ରେଷ୍ଟନ ଭାଇରସ୍ ଫିଲିପାଇନ୍ସ ଓ ଚୀନରେ ମିଳେ କିନ୍ତୁ ଆଜି ପର୍ଯ୍ୟନ୍ତ ଏଥିରେ କାହାର ମୃତ୍ୟୁ ଘଟିଥିବା ଜଣାନାହିଁ । ପିଲାଟି ଯେପରି ଇବୋଲା ସଂକ୍ରମିତ ମନୁଷ୍ୟ ଓ ଜୀବଜନ୍ତୁଙ୍କ ସଂସ୍ପର୍ଶରେ ନ ଆସେ ସେ ଦିଗ ପ୍ରତି ଯତ୍ନବାନ ହୁଅନ୍ତୁ । ଏହି ଭାଇରସ ଦେହ ଭିତରେ ଖେଳେଇ ହେବା ପାଇଁ ପାଖାପାଖି ତିନି ସପ୍ତାହର ଏକ ଲମ୍ବା ଦିନ ନେଉଥିବାରୁ ଏହାର ଲକ୍ଷଣ ଚିକିତ୍ସକ ଦେଖିଲା ବେଳକୁ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥାଏ । ପିଲାମାନଙ୍କର ଏହି ଭାଇରସ୍ ସଂକ୍ରମଣର ବଡ଼ ଲକ୍ଷଣ ହେଉଛି ଯଦି ପିଲାଟିର ମୁଣ୍ଡ ବିନ୍ଧୁଥାଏ କିମ୍ବା ପିଲାଟି ଜ୍ୱର, ଦିନ ତମାମ ଦୁର୍ବଳ ଓ ଥକି ପଡ଼ିଲା ପରି ଅନୁଭବ କରେ । କେତେକ କ୍ଷେତ୍ରରେ ପିଲାମାନଙ୍କ ଦେହରେ ପ୍ରାଥମିକ ଅସସ୍ଥା ଲାଗି ଦେଖାଯାଇ ଏହା କୁଣ୍ଡିଆର ରୂପ ନେଇ ଫାଟିଯାଏ ଓ ଘା'ସଂକ୍ରମଣ ହୋଇଥାଏ । କେତେକ ପିଲାଙ୍କ ଦେହର ରଙ୍ଗ କଳାପଡ଼ିଯିବା ସହ ପିଲାଟି ଅସହ୍ୟ ଦୁର୍ବଳତା ଓ ଛଟପଟ ହେଲା ପରି ପରିସ୍ଥିତି ଅନୁଭବ କରିଥାଏ । ପିଲାମାନଙ୍କ ପାଟିରେ ପ୍ରଥମ ଜିଭ ଲାଲ ହୋଇଯାଏ ଓ ପରେ ଏହା ଦରଜ ଅନୁଭବ ହୋଇ ଜଳାପୋଡ଼ା ପ୍ରସ୍ତୁତି ସୃଷ୍ଟି କରେ । ଗୋଟିଏ ସପ୍ତହ ପରେ ସଂକ୍ରମିତ ପିଲାର ଗୁରୁତ୍ୱପୂର୍ଣ୍ଣ ଧମନୀରେ ରକ୍ତ ସଞ୍ଚାଳନ ବ୍ଲକ୍ କରିଦେଇଥାଏ । ଏହା ଜମାଟ ବାନ୍ଧିବାରୁ ପିଲାଟିର ସମ୍ପୂର୍ଣ୍ଣ ଶରୀରକୁ ନିୟନ୍ତ୍ରଣ କରୁଥିବା ମସ୍ତିକ ସହ ଅନ୍ତାଶୟ, ବୃକକ, ପେଟ ସମସ୍ୟା ଠାରୁ କେତେକ କ୍ଷେତ୍ରରେ ହୃଦଘାତ ପିଲାଟିର ତମାମ ଅଙ୍ଗ ପ୍ରତ୍ୟଙ୍ଗ ଅଚଳ କରିଦେଇଥାଏ । ଅନେକ କ୍ଷେତ୍ରରେ ପ୍ରାଥମିକ ସମୟରୁ ଏହାର ନିର୍ଣ୍ଣୟ ଓ ଚିକିତ୍ସା ଆରମ୍ଭ ହୋଇନଥିବାରୁ ପରବର୍ତ୍ତୀ ସମୟରେ ଏହା ଅକାଳରେ ଜଣଙ୍କର ଜୀବନ ନେଇଯାଏ । ଏହି ଭାଇରସ ବ୍ୟାପୀବା ପାଇଁ ଦୀର୍ଘ ଦିନ ସମୟ ନେଉଥିବାରୁ ଓ ବର୍ତ୍ତମାନ ଖରାଦିନ ହୋଇଥିବାରୁ ନବଜାତକ ମାନଙ୍କ ପାଇଁ ଏହା ଅତ୍ୟନ୍ତ ଜଟିଳ ପରିସ୍ଥିତି ସୃଷ୍ଟି କରିଥାଏ । ବଡ଼ ଲୋକମାନଙ୍କ ଶରୀରରୁ ଏହି ସଂକ୍ରମଣର ଶିକାର ପିଲାମାନେ ହେଉଥିବାରୁ ଚିକିତ୍ସା ହେବାବେଳକୁ ପ୍ରାୟତଃ ବହୁତ ଡେରି ହୋଇଯାଇଥାଏ । ଏ ପର୍ଯ୍ୟନ୍ତ ଏହାର ଟୀକା ବଜାରକୁ ଆସିନାହିଁ ତେଣୁ ଏହାର ନିର୍ଦ୍ଦିଷ୍ଟ ଚିକିତ୍ସା ବ୍ୟବସ୍ଥାକେବଳ ସରକାରୀ ବ୍ୟବସ୍ଥିତ ଡାକ୍ତରଖାନାରେ ହିଁ ମିଳିଥାଏ । ବଡ଼କଥା ହେଉଛି ଏହି ସଂକ୍ରମଣକୁ ନେଇ କୌଣସି ଘରୋଇ ଚିକିତ୍ସା କରନ୍ତୁ ନାହିଁ, ଉପରୋକ୍ତ ଲକ୍ଷଣ ଥିଲେ ତୁରନ୍ତ ସଂଘରୋଧରେ ରହି ନିକଟସ୍ଥ ଡାକ୍ତରଖାନାର ସୁଯୋଗ ନିଅନ୍ତୁ । ନିଜେ ସଫାସୁତୁରା ରହିବା ସହ ଘର ଓ ବାହାର ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ । କୌଣସି ଅପପ୍ରଚାର, ଗୁଜବକୁ ବିଶ୍ୱାସ କରନ୍ତୁ ନାହିଁ । କେବଳ ସରକାରୀ ତଥ୍ୟକୁ ହିଁ ଗ୍ରହଣ କରନ୍ତୁ ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ,
ଶିଶୁରୋଗ ବିଭାଗ, ଫକୀରମୋହନ
ମେଡ଼ିକାଲ କଲେଜ, ବାଲେଶ୍ୱର,
E-mail :
drjyotiranjanchampatray123
@gmail.com

ପ୍ରାଣକୃଷ୍ଣ ପରିଜା : ଓଡ଼ିଶାର ପ୍ରଥମ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି

ଡ଼ଃ.ଅରୁନ୍ଧତୀ ଦେବୀ

୧୯୪୩ ମସିହାରେ ତତ୍କାଳୀନ ରେଭେନ୍ସା ମହାବିଦ୍ୟାଳୟ ପରିସରରେ ଜନ୍ମ ନେଇଥିଲା ଉତ୍କଳ ବିଶ୍ୱବିଦ୍ୟାଳୟ । ୧୯୪୩-୪୮ ପର୍ଯ୍ୟନ୍ତ ଏହାର ପ୍ରଥମ କୁଳପତି ଆସନ ଅଳଙ୍କୃତ କରିଥିବା ମହାନ୍ ଓଡ଼ିଆ ଜଣକ ହେଉଛନ୍ତି ଉଦ୍ଭିଦ ବିଜ୍ଞାନୀ ପ୍ରଫେସର ପ୍ରାଣକୃଷ୍ଣ ପରିଜା । ପ୍ରଫେସର ପରିଜା ହିଁ ଓଡ଼ିଶାର ଏହି ପ୍ରଥମ ବିଶ୍ୱବିଦ୍ୟାଳୟର ଲାଳନପାଳନ ଦାୟିତ୍ୱ ତୁଲାଇ, ଏହାକୁ ପରିଣତ ଅବସ୍ଥାକୁ ଆଣିଥିଲେ । ସେ ବିଭିନ୍ନ ସମୟରେ ମୋଟ ତିନି ଥର ଏହି ବିଶ୍ୱବିଦ୍ୟାଳୟର କୁଳପତି ଦାୟିତ୍ୱ ତୁଲାଇଥିବା ଜଣାଯାଏ । ଏହାପୂର୍ବରୁ ସେ ରେଭେନ୍ସା ମହାବିଦ୍ୟାଳୟର ଅଧ୍ୟକ୍ଷ ଥିଲେ । ଦାୟିତ୍ୱ ତୁଲାଇଥିଲେ ୧୯୩୮ରୁ ୧୯୪୫ ଯାଏ । ୧୯୨୧ରେ ସେ ରେଭେନ୍ସା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ରଫେସର ଭାବେ ଯୋଗଦେଇଥିଲେ । ତାଙ୍କ ଉଦ୍ୟମରେ ୧୯୨୪ରେ ଏଠାରେ ଉଦ୍ଭିଦ ବିଜ୍ଞାନରେ ସ୍ନାତକ ସ୍ତରରେ ପାସ ପାଠ୍ୟକ୍ରମ ଖୋଲିଥିଲା । ସେହିପରି ୧୯୩୦ରେ ଖୋଲିଥିଲା ଅନର୍ସ । ପ୍ରଫେସର ପରିଜାଙ୍କ ଉଦ୍ୟମରେ ରେଭେନ୍ସା ସମଗ୍ର ଦେଶରେ ବିଶେଷ ସୁନାମ ଲାଭ କରିଥିଲା । ତାଙ୍କ କାର୍ଯ୍ୟକାଳରେ ରେଭେନ୍ସାର ଛାତ୍ରାବାସରେ ଗୋପାଳନର ବ୍ୟବସ୍ଥା କରାଯାଇଥିଲା । ଏହା ଦ୍ୱାରା ଛାତ୍ରମାନେ ଅଳ୍ପ ମୂଲ୍ୟରେ ବିଶୁଦ୍ଧ ଗୋ-ଦୁଗ୍ଧ ପାଉଥିଲେ ।

ଉଲ୍ଲେଖଯୋଗ୍ୟ ଯେ, ଏକଦା ସେ ଏହି ମହାବିଦ୍ୟାଳୟର ଛାତ୍ର ଥିଲେ । ତାଙ୍କ ସମୟରେ ରାଭେନ୍ସାରେ ବିଜ୍ଞାନରେ ସ୍ନାତକ ପାଠ୍ୟକ୍ରମ ନଥିଲା । ତେଣୁ କାଲକାତା ବିଶ୍ୱବିଦ୍ୟାଳୟ, କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଆଦିରେ ଉଚ୍ଚ ଶିକ୍ଷା, ଗବେଷଣା ଆଦି କରିଥିଲେ ସୁଦ୍ଧା ପ୍ରଫେସର ପରିଜା ସରଳ ଜୀବନଯାପନ କରୁଥିଲେ । ସମୟାନୁବର୍ତ୍ତିତା ଥିଲା ତାଙ୍କର ଏକ ବଡ଼ ଗୁଣ । ସାହିତ୍ୟ ପ୍ରିୟ ଥିଲେ । ଓଡ଼ିଆ ଭାଷା, ସଂସ୍କୃତି ଆଦିର ଆଦର କରୁଥିଲେ । ଏପରିକି ଉଦ୍ଭିଦ ବିଜ୍ଞାନ ସଂପର୍କିତ ତଥ୍ୟ ବୁଝାଉଥିବା ବେଳେ ମଧ୍ୟ ଓଡ଼ିଆ ଢ଼ଗ-ଢ଼ମାଳି ବ୍ୟବହାର କରୁଥିଲେ । ଥରେ ଜଣେ ଛାତ୍ରକୁ ପଚାରିଲେ, ଆଗେ ବୁଣ, ପଛେ ବୁଣ, ଗର୍ଭଣାକୁ ଟୁଣଟୁଣର ଅର୍ଥ କହ । ଛାତ୍ର ପାଟି ଆଁ କରି ଅନେଇରହିଲା । ପ୍ରଫେସର ପରିଜା ବୁଝାଇଦେଲେ ଗର୍ଭଣା ସଂକ୍ରାନ୍ତି ବେଳକୁ ଦିନ ଛୋଟ ହେଲେ, ଧାନରେ ଫୁଲ ହୁଏ । ଜଗତ୍‌ସିଂହପୁର ଜିଲ୍ଲାର ବାଲିକୁଦା ନିକଟବର୍ତ୍ତୀ ଇଛାପୁର ଗ୍ରାମରେ ସେ ଜନ୍ମ ହୋଇଥିଲେ । ୧୯୭୮ ଜୁନ୍ ଆଜିର ଦିନରେ ଏହି ମହାନ୍ ବିଜ୍ଞାନୀ ତଥା ଶିକ୍ଷାବିତ୍‌ଙ୍କ ଦେହାନ୍ତ ହୋଇଥିଲା ।

ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା
କଟକ,ଦୂରଭାଷ :
୯୯୩୭୧୭୨୮୧୦

ମେଡିକାଲ ବ୍ୟବସାୟୀଙ୍କ ପୁଅଙ୍କ ପାର୍ଟନରଙ୍କୁ ନେଇ ଚର୍ଚ୍ଚା ଜୋରଦାର

ସ୍ଥାନୀୟ ମହଲରେ ବିଭିନ୍ନ ନାମକୁ ନେଇ ଆଲୋଚନା

ବଲାଙ୍ଗୀର,୧୨।୬ : ସହରର ଜଣେ ଚର୍ଚ୍ଚିତ ମେଡିକାଲ ବ୍ୟବସାୟୀ ପରିବାରକୁ ନେଇ ଚାଲିଥିବା ଆଲୋଚନା ମଧ୍ୟରେ ବର୍ତ୍ତମାନ ବ୍ୟବସାୟୀଙ୍କ ପୁଅଙ୍କ କିଛି ଘନିଷ୍ଠ ପାର୍ଟନର ଓ ବ୍ୟବସାୟିକ ସହଯୋଗୀଙ୍କୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ବିଭିନ୍ନ ବ୍ୟବସାୟିକ କାର୍ଯ୍ୟକଳାପ, ନିବେଶ ଓ ଆର୍ଥିକ କାରବାର ସହ ଜଡିତ କେତେକ ସହଯୋଗୀଙ୍କ ଭୂମିକାକୁ ନେଇ ସ୍ଥାନୀୟ ମହଲରେ ବିଭିନ୍ନ ପ୍ରଶ୍ନ ଉଠୁଥିବା ଚର୍ଚ୍ଚା ହେଉଛି। ସ୍ଥାନୀୟ ମହଲରେ ଚାଲିଥିବା ଆଲୋଚନା ଅନୁସାରେ, ବ୍ୟବସାୟୀଙ୍କ ପୁଅଙ୍କ ସହ ଜଡିତ କେତେକ ପାର୍ଟନରଙ୍କ ନାମ ମଧ୍ୟ ଚର୍ଚ୍ଚାରେ ଆସୁଛି। ତେବେ ଏହି ସମସ୍ତ ଚର୍ଚ୍ଚାର କୌଣସି ସରକାରୀ ପୁଷ୍ଟି ହୋଇନାହିଁ ଏବଂ କୌଣସି ତଦନ୍ତକାରୀ ସଂସ୍ଥା ମଧ୍ୟ କାହା ବିରୋଧରେ ସାର୍ବଜନିକ ଭାବେ ଅଭିଯୋଗ ଆଣିନାହାନ୍ତି। ଏହା ମଧ୍ୟରେ ସହରର କେତେକ ସାମ୍ବାଦିକ ମହଲ ଓ ଜନମତରେ ଏହି ଚର୍ଚ୍ଚା ଜୋର ଧରିଛି ଯେ, ଭବିଷ୍ୟତରେ ଯଦି ଏହି ପ୍ରସଙ୍ଗରେ କୌଣସି ବ୍ୟାପକ ତଦନ୍ତ ହୁଏ, ତେବେ ଆୟକର ବିଭାଗ, ଭିଜିଲାନ୍ସ ବିଭାଗ ଏବଂ ଆର୍ଥିକ ଅପରାଧ ଶାଖା ପରି ସଂସ୍ଥାଗୁଡ଼ିକ ବ୍ୟବସାୟିକ କାରବାର, ନିବେଶ ଓ ଆର୍ଥିକ ସମ୍ପର୍କର ବିଭିନ୍ନ ଦିଗକୁ ଖତିଆନ କରିପାରନ୍ତି। ତେବେ ଏନେଇ କୌଣସି ସରକାରୀ ସୂଚନା କିମ୍ବା ଘୋଷଣା ସାମ୍ନାକୁ ଆସିନାହିଁ। ଫିଲହାଲ ବ୍ୟବସାୟୀଙ୍କ ପୁଅଙ୍କ ପାର୍ଟନରମାନଙ୍କ ସମ୍ଭାବ୍ୟ ଭୂମିକା ଓ ବ୍ୟବସାୟିକ ସମ୍ପର୍କକୁ ନେଇ ଚର୍ଚ୍ଚା ଜୋରଦାର ହୋଇଥିବା ବେଳେ, ଲୋକମାନେ ସରକାରୀ ତଥ୍ୟ ଏବଂ ଭବିଷ୍ୟତରେ କୌଣସି ତଦନ୍ତ ହେଲେ ତାହାର ନିଷ୍କର୍ଷକୁ ଅପେକ୍ଷା କରିଛନ୍ତି।

ସଜନା ଛୁଇଁକୁ କେନ୍ଦ୍ରକରି ସାନଭାଇ ବଡଭାଇ ଗଣ୍ଡଗୋଳରେ

ତୃତୀୟ ବନ୍ଧୁ କୈଳାଶକୁ ହତ୍ୟା

ରାଜନଗର,୧୨।୬ : ମୋ ସ୍ୱାମି କୁଆଡେ ଗଲେ ଚାଣ୍ଡାଳ କଥାଳେଇ ଡାକି ନେଇ ମର୍ଡର କରିଦେଲେ। ମୋ ଠାରୁ ମୋ ସ୍ୱାମିକୁ ଦୁରେଇ ଦେଲେ ପିଲାଛୁଆ ମୋ ର ଅନାଥ ହୋଇଗଲେ। କାହାର କି ଦୋଷ ମୋ ସ୍ୱାମି କରିଥିଲା ଏତେ ବଡ ଶାସ୍ତି ଦେଲ। କିଏ ଡାକି ନେଲା କାହିକି ଡିକିଥିଲା ମର୍ଡର କଲା କାହିଁକି, ଏପରି କହି ମେଡିକାଲ ଠୁ ଥାନା ପର୍ଯ୍ୟନ୍ତ ମୁଣ୍ଡ ପିଟି କାନ୍ଦୁଥିଲା ସ୍ତ୍ରୀ ସଙ୍ଗିତା ମଳିକ। ଏପରି ସ୍ଥଳରେ ଦଶମାସ ଦଶ ଦିନ ଗର୍ଭରେ ଧରି ଜନ୍ମଦାତା ମାର କୋହଭରା ଆଖିରୁ ଲୁହ ଶୁଖୁନାହି। ଦୋଷୀକୁ ଉଚିତ ଫାସି ଦିଆଯିବାକୁ ଦାବି କରିଛନ୍ତି ସ୍ତ୍ରୀ ଓ ମା। ଏପରି ଲୋମ ଟାଙ୍କୁରା ଦୃଶ୍ୟ ଦେଖିବାକୁ ମିଳିଛି, କେନ୍ଦ୍ରାପଡା ଜିଲ୍ଲା ରାଜନଗର ଥାନା ଅଧୀନସ୍ଥ ଇଶାଣିପଲ୍ଲୀ ଗ୍ରାମରେ। ମୃତକଙ୍କ ସ୍ତ୍ରୀର ଅଭିଯୋଗ ପ୍ରକାର ସେତେବେଳେ ସମୟ ଥିଲା ୧୦ତାରିଖ ବୁଧବାର ସନ୍ଧ୍ୟା ସମୟ। ପଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧିନସ୍ଥ କଦଳୀ ବନ୍ଧ ଗ୍ରାମର କୈଳାସ ମଲ୍ଲିକ ୨୬ବର୍ଷଙ୍କ ଘରେ ପହଞ୍ଚିଥିଲେ, ଏହି ଗ୍ରାମାଞ୍ଚଳ ଥାନା ଅଧିନ ଚାନ୍ଦପୁରୁ ଗ୍ରାମର ସମ୍ବିତ ମଳିକ ଏବଂ ରାଜନଗର ଥାନା ଅଧିନ ଖଣ୍ଡିଆପଡା ଗ୍ରାମର ସିଲୁ ମଳିକ। ଏଦୁହେ ଇଶାଣି ପଲ୍ଲୀକୁ ଡାକି ଆଣିଥିଲେ। ସେଠାରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ସେହି ଇଶାଣିପଲ୍ଲୀ ଗ୍ରାମର ରାଜକିଶୋର ନାୟକ, ପ୍ରଭାକର ନାୟକ, ଓ ରାହୁଳ ନାୟକ ଅଚାନକ କୈଳାସକୁ। ଛୁରୁରେ ଆକ୍ରମଣ କରି ମରିଗଲା ଭାବି ପକାଇଦେଇ। ଚାଲିଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚେତାହରାଇ ପଡିଥିବା କୈଳାସକୁ ଦେଖି ସଂପର୍କୀୟ ପଥଚାରୀ ପ୍ରଥମେ ରାତି ୧୦ଟାରେ ରାଜନଗର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରବାର ଲୋକ ଆସି ପ୍ରାଥମିକ ଚିକିତ୍ସା ପରେ କେନ୍ଦ୍ରାପଡା ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୁରୁତର ଅବସ୍ଥା ଦେଖି ଡାକ୍ତର ପଠାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଣେ ରାଜନଗର ଥାନା ଆଇଆଇସି ଶ୍ରୀ ନରେଶ କୁମାର ସାହୁ ଘଟଣାକୁ ଗୁରୁତ୍ୱ ଦେଇ ସଙ୍ଗେ ସଙ୍ଗେ ତିନିଜଣ ଅଭିଯୁକ୍ତଙ୍କୁ ଟେକିଆଣି ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛନ୍ତି। ଘଟଣା ସ୍ଥଳକୁ ଏସ୍ଡିପିଓ ଶ୍ରୀ ସୁକାନ୍ତ ପାତ୍ର ଓ ଆଇ ଆଇ ସି ଶ୍ରୀ ସାହୁ ଙ୍କ ସମେତ ଏଏସ ଆଇ ମାମିନା ଦେଇ ଓ ପୋଲିସ ଟିମ ପହଂଚି ତଦନ୍ତର ଛିନ୍ନଭିନ କରିଥିଲେ। ଏସ୍ପି ସିଦ୍ଧାର୍ଥ କଟାରିଆ କ୍ଷେତ୍ର ଉପରେ ସାଇଣ୍ଟିଫିକ୍ ଟିମ ସହ ପାରିପାର୍ଶ୍ୱତା ଏବଂ ସମସ୍ତ ଦିଗ ଓ ଚିହ୍ନକୁ ଦୃଷ୍ଟିରେ ରଖି ତଦନ୍ତ ପରେ ମର୍ଡର କାରଣ ଓ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବ ବୋଲି ଏସ୍ପି ମତପ୍ରକାଶ କରିଛନ୍ତି। ଅପର ପକ୍ଷରେ ଅଭିଯୁକ୍ତ ରାଜକିଶୋରଙ୍କ ମାଙ୍କ ପ୍ରତିକ୍ରୀୟା ନେବାରୁ ସେ କହିଛନ୍ତି, ମୋ ପୁଅ ଘରେ ଥିଲା ହଠାତ ୪/୫ଜଣ ଆସି ମୋ ପୁଅର ହାତକୁ ମାରଣାସ୍ତରେ ଚୋଟ ପକାଇ ଚାଲିଗଲେ। ମୋ ପୁଅ ଏବଂ କେନ୍ଦ୍ରାପଡା ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସାରତ ଅଛି। ଦେଖା ଯାଉ ଘଟଣା ଉପରୁ ପୋଲିସି କେବେ ପରଦା ଖୋଲିବ ସମୟକୁ ସାଧାରଣ ଜନତା ଅପେକ୍ଷା।

ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ଆଠମଲ୍ଲିକ,୧୨।୬ : ଉପଖଣ୍ଡ ପ୍ରଶାସନ ତରଫରୁ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ନିକଟରେ ଥିବା ସଭା ଗୃହ ପରିସରରେ ଆଗାମୀ ରଥଯାତ୍ରା ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ବୈଠକ ରେ ରଥଯାତ୍ରା କୁ କିପରି ସରସ ସୁନ୍ଦର ଓ ଶୃଙ୍ଖଳିତ କରାଯାଇ ପାରିବ ତାହାରି ଉପରେ ଆଲୋଚନା ହୋଇଥିଲା । ଏହି ବୈଠକ ରେ ଅତିରିକ୍ତ ଆଇ ଆଇ ସି ବିକାଶ କୁମାର ସାମଲ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତିରଞ୍ଜନ ବାଗ,ଆସିଷ୍ଟାଣ୍ଟ ଷ୍ଟେସନ ଅଫିସର ପ୍ରଶାନ୍ତ କୁମାର ସାମଲ, ଜନସ୍ୱାସ୍ଥ୍ୟ ବିଭାଗ (ଗ୍ରାମୀଣ) ପ୍ରହ୍ଲାଦ ନାଥ,ପହଣ୍ଡିଆ କମିଟି ନବକିଶୋର ତ୍ରିପାଠୀ, ପହଣ୍ଡିଆ କମିଟି ର ସଭ୍ୟ ଦୀପକ ମିଶ୍ର, ରାଜେଶ ମିଶ୍ର, ସାରଥୀ ଭୁବନ ମୋହନ ତ୍ରିପାଠୀ, ଚିତ୍ତ ରଞ୍ଜନ ତ୍ରିପାଠୀ, ପୂଜକ ପ୍ରଫୁଲ୍ଲ ପାଣିଗ୍ରାହୀ,ଚିତ୍ତରଞ୍ଜନ ପାଣିଗ୍ରାହୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ଏହି ବୈଠକ ରେ ଅନେକ ଉପଖଣ୍ଡ ସ୍ତରୀୟ ଅଧିକାରୀ ଅନୁପସ୍ଥିତ ରହି ଥିଲେ । ଯା ଫଳ ରେ ବିଭିନ୍ନ ବିଭାଗ ର ସହଯୋଗ କୁ ନେଇ ସନ୍ଦେହ ଜାତ ହୋଇଥିଲା ।

ଓଜେସି ଗଣମାଧମ ବିଭାଗର ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର,୧୨।୬ : ଓଡିଶା ଜନତା କଂଗ୍ରେସ ଗଣମାଧ୍ୟମ ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ପାର୍ଟିର ଭୁବନେଶ୍ୱର ସ୍ଥିତ ରାଜ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଗଣମାଧମ ବିଭାଗର ଅଧ୍ୟକ୍ଷ ପ୍ରଶାନ୍ତ ଶତପଥିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଦଳର ସଭାପତି ଇଂ ମହମ୍ମଦ ମୋକିମଙ୍କ ସମେତ ସମସ୍ତ ମୁଖପାତ୍ର ଉପସ୍ଥିତ ଥିଲେ । ଦଳର କାର୍ଯ୍ୟକ୍ରମକୁ ଗଣମାଧ୍ୟମ ଜରିଆରେ କିଭଳି ଭାବରେ ସଠିକ୍ ଢଙ୍ଗରେ ଓଡିଶାର ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚାଯିବ ତାଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଦଳର ସଭାପତି ସମସ୍ତ ମୁଖପାତ୍ରମାନଙ୍କୁ ଓଡିଶାର ସାଢେ ୪ କୋଟି ଲୋକଙ୍କ ସ୍ୱର ହୋଇ ଦଳର ଆଭିମୁଖ୍ୟକୁ ମୁଦ୍ରିତ ଏବଂ ବୈଦ୍ୟୁତିକ ଗଣମାଧମ ଜରିଆରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ । ଆଜିର ଏହି ବୈଠକରେ ଓଜେସି ମିଡିଆ ସେଲର ସମସ୍ତ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ

ବଲାଙ୍ଗୀର,୧୨।୬ : ଆଜି ବଲାଙ୍ଗୀର ଜିଲ୍ଲା ପୁଇଁତଳା ବ୍ଲକ ଭାଲେର ପଂଚାୟତ କାର୍ଯ୍ୟାଳୟ ଠାରେ ଲୋକଙ୍କ ସରକାର ୨ ବର୍ଷ ପୂର୍ତ୍ତି ଉପଲକ୍ଷେ ସରକାର ଙ୍କ ଜଣକଲ୍ୟାଣକରି ଯୋଜନା ଓ ବିପୁଳ ଉପଲବ୍ଧି କୁ ନେଇ ବିକାଶ ର ଧାରା ଓଡିଶା ସାରା କାଯ୍ୟକ୍ରମ ରେ ମାନ୍ୟବର ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗ ଦେଇଥିଲେ, ଏହି ଅବସରରେ ଦେଶ ଓ ରାଜ୍ୟ ର ପ୍ରଗତି ପାଇଁ କାର୍ଯ୍ୟ କରୁଥିବା ଡବଲ ଇଂଜିନ ସରକାରଙ୍କ ଲୋକଭିମୁଖୀ ଯୋଜନା ତଥା ଗରିବ କଲ୍ୟାଣ ଯୋଜନା,ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମୀଣ ଭିତ୍ତି ଭୁମିର ବିକାଶ ସଂପର୍କ ଆଲୋଚନା କରିଥିଲେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀରାମ ନରେନ୍ଦ୍ର ମୋଦି ଜୀ ଙ୍କ ମାର୍ଗ ଦର୍ଶନ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ନେତୃତ୍ୱ ରେ ଓଡିଶା କୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟ ଭାବେ ଗଢି ତୋଳିବା ଆମ ସରକାର ସଦାସର୍ବଦା ପ୍ରତିବଦ୍ଧ ଏବଂ ଏହି ବିକାଶ ଯାତ୍ରା ପ୍ରତିଟି ଗାଁ ଓ ପଞ୍ଚାୟତ ରେ ନିରନ୍ତର ଜାରି ରହିବ ବୋଲି ବକ୍ତବ୍ୟ ରଖିଥିଲେ।

ଯୁବ ସାମ୍ବାଦିକଙ୍କ ଅକାଳ ବିୟୋଗରେ ଶୋକ ସଭା

ଆଠମଲ୍ଲିକ,୧୨।୬ : ଏକ ଦୁଃଖଦ ଘଟଣା କ୍ରମରେ ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଠାକୁରଗଡ଼ ଅଞ୍ଚଳ ର ଯୁବ ସାମ୍ବାଦିକ ବୁଲୁ ଦଳେଇ ଙ୍କ ମଙ୍ଗଳବାର ସଡ଼କ ଦୁର୍ଘଟଣା ରେ ପରଲୋକ ହୋଇଥିଲା । ତାଙ୍କ ସ୍ମୃତି ରେ ଆଠମଲ୍ଲିକ ସାମ୍ବାଦିକ ମାନଙ୍କ ତରଫରୁ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା କ୍ଷ ସାମ୍ବାଦିକ କମଳାକାନ୍ତ ମିଶ୍ର ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଶୋକ ସଭା ରେ ସାମ୍ବାଦିକ ଉଦିପ୍ତ ପୁରୋହିତ,ସୁବୋଧ ମିଶ୍ର,ଶ୍ୟାମାପ୍ରସାଦ ଜ୍ୟୋତିଷରାୟ ପ୍ରମୁଖ ପରଲୋକ ଗତ ସାମ୍ବାଦିକ ବୁଲୁ ଦଳେଇ ଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ପ୍ରଥମ ରେ ବୁଲୁ ଦଳେଇ ଙ୍କ ଫୋଟ ଚିତ୍ର ରେ ଫୁଲ ଓ ଧୂପ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ଅମର ଆତ୍ମା ର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଶୋକ ସଭା ରେ ବରିଷ୍ଠ ସାମ୍ବାଦିକ ଉଦିପ୍ତ ପୁରୋହିତ, ସୁବାଷ ଶତପଥି,ସୁନୀଲ କୁମାର ମିଶ୍ର, ଜ୍ୟୋତିପ୍ରକାଶ ପାତ୍ର,ଦେବବ୍ରତ ପ୍ରଧାନ, ଜ୍ୟୋତିପ୍ରକାଶ ମିଶ୍ରପ୍ରମୁଖ ଉପସ୍ଥିତ ଥିଲେ।

୨୯ ଟି 'ୱାର୍ଡ ମାର୍କ ' ସ୍ୱୀକୃତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ଆବେଦନ

ଦସ୍ତାବିଜ୍‌ରୁ ତିନିଟିକୁ ସ୍ୱୀକୃତି

ପୁରୀ,୧୨।୬ : ଇଣ୍ଡିଆ ପେଟେଣ୍ଟ ରେ ୨୯ ଟି 'ୱାର୍ଡ ମାର୍କ ' ସ୍ୱୀକୃତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ଆବେଦନ କରିଥିବା ଦସ୍ତାବିଜ୍‌ରୁ ତିନିଟିକୁ ସ୍ୱୀକୃତି ମିଳିଛି। ପ୍ରାଥମିକ ପର୍ଯ୍ୟାୟରେ ଆନନ୍ଦ ବଜାର, ପତିତପାବନ ଓ ଶ୍ରୀମନ୍ଦିର ପ୍ରଶାସନ ଲୋଗୋ କୁ ସ୍ୱୀକୃତି ମିଳିଛି। ଏଣିକି ଆନନ୍ଦ ବଜାର, ପତିତପାବନ ଶବ୍ଦ କୁ ଆଉ କେହି ବ୍ୟବହାର କରିପାରିବେ ନାହିଁ। ଏହି ଶବ୍ଦ କେବଳ ଶ୍ରୀମନ୍ଦିର ପ୍ରଶାସନ ବ୍ୟବହାର କରିବାକୁ ସ୍ୱୀକୃତି ଦିଆଯାଇଛି। ସେହିଭଳି ଶ୍ରୀମନ୍ଦିର ପ୍ରଶାସନ ବ୍ୟବହାର କରିଆସୁଥିବା ଲୋଗୋ କୁ ମଧ୍ୟ ଆଉ କେହି ବ୍ୟବହାର କରିପାରିବେ ନାହିଁ। ଅନ୍ୟ ୨୬ ଟି ୱାର୍ଡମାର୍କ ପାଇଁ ଇଣ୍ଡିଆ ପେଟେଣ୍ଟ ଆଉ କିଛି ତଥ୍ୟ ଶ୍ରୀମନ୍ଦିର ପ୍ରଶାସନ ଠାରୁ ତଲବ କରିଛନ୍ତି। ଏହି ସମ୍ପର୍କିତ ତଥ୍ୟ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଦାନ କରାଯିବ। ଶ୍ରୀମନ୍ଦିର ରେ ବ୍ୟବହାର ହେଉଥିବା ଶବ୍ଦାବଳୀ କୁ ପେଟେଣ୍ଟ କରାଯାଇନଥିବାରୁ ଏହାର ଅପବ୍ୟବହାର ହେଉଛି। ଅନେକ ବ୍ୟକ୍ତି ଶ୍ରୀମନ୍ଦିର ସମ୍ପର୍କିତ ଶବ୍ଦାବଳୀକୁ ନିଜର ବ୍ୟବସାୟିକ ଅନୁଷ୍ଠାନରେ ବ୍ୟବହାର କରୁଛନ୍ତି। କିଛିଦିନ ତଳେ ଦୀଘା ଜଗନ୍ନାଥ ମନ୍ଦିରକୁ ଶ୍ରୀଜଗନ୍ନାଥ ଧାମ ନାମକରଣକୁ ନେଇ ବିବାଦ ସୃଷ୍ଟି ହୋଇଥଲା। ଧାମ ଶବ୍ଦ କୁ ନେଇ ଶ୍ରୀମନ୍ଦିର ପ୍ରଶାସନ ନିକଟ ରେ ପେଟେଣ୍ଟ ନଥିବାରୁ ପ୍ରଶାସନ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିନଥିଲା। ଏବେବି ଅନେକ ଶବ୍ଦ ରହିଛି ଯାହା ଶ୍ରୀମନ୍ଦିରରେ ସ୍ୱତନ୍ତ୍ର। ଏହାକୁ କେହି ବ୍ୟବହାର କାଲେ ଶ୍ରୀମନ୍ଦିର ପ୍ରଶାସନ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇପାରିବ ନାହିଁ। ଏଣୁ ଶ୍ରୀମନ୍ଦିର ରେ ବ୍ୟବହାର ହେଉଥିବା ସ୍ୱତନ୍ତ୍ର ଶବ୍ଦାବଳୀର ଅପବ୍ୟବହାର ରୋକିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ୨୯ ଟି ସ୍ୱତନ୍ତ୍ର ଶବ୍ଦର ପେଟେଣ୍ଟ ପାଇଁ ଆବେଦନ କରାଯାଇଛି। ଏହି ସବୁ ଶବ୍ଦାବଳୀ କୁ ପେଟେଣ୍ଟ ମିଳିଗଲେ ଆଗାମି ଦିନରେ ଏହି ଶବ୍ଦାବଳୀ କୁ କେବଳ ଶ୍ରୀମନ୍ଦିର ପ୍ରଶାସନ ବ୍ୟବହାର ପାଇଁ ଅଧିକୃତ ରହିବ। ଅନ୍ୟ କେଉଁଠି ବ୍ୟବହାର ହେଲେ ଶ୍ରୀମନ୍ଦିର ପ୍ରଶାସନ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇପାରିବ। ତେବେ ଶ୍ରୀମନ୍ଦିର ସମ୍ପର୍କିତ ଶବ୍ଦାବଳୀ କୁ ପେଟେଣ୍ଟ ମିଳିବା ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ନିଜ କହିଛନ୍ତି, ଜଗନ୍ନାଥ ଧାମ ହେଉଛି ଶ୍ରୀକ୍ଷେତ୍ର ପୁରୀ। ଏହା ହେଉଛି ମହାପ୍ରଭୁ ଙ୍କ ମୂଳ ପୀଠ। ଦୀଘା ଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ ଯେଉଁ ନାମକରଣ ହୋଇଥିଲା ତାହାର ହଟାଇବା ପାଇଁ ପଶ୍ଚିମବଙ୍ଗ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ଆମେ ତାଙ୍କୁ ଧନ୍ୟବାଦ ଦେଉଛୁ। ଏ ନେଇ ରାଜ୍ୟ ସରକାରଙ୍କ ଉଦ୍ୟମକୁ ନେଇ ଆମେ କୃତଜ୍ଞତା ଜ୍ଞାପନ କରୁଛୁ। ଆମେ ଶ୍ରୀମନ୍ଦିର ରେ ବ୍ୟବହୃତ ହେଉଥିବା ୨୯ ଟି ଶବ୍ଦାବଳୀକୁ ପେଟେଣ୍ଟ ପାଇଁ ଆବେଦନ କରିଥିଲୁ। ତେବେ ଏଥି ମଧ୍ୟରୁ ୩ଟି ୱାର୍ଡ ମାର୍କ ଆମକୁ ଅନୁମୋଦନ ହୋଇସାରିଛି। ଆନନ୍ଦବଜାର, ଶ୍ରୀପତିତପାବନ ଓ ଶ୍ରୀମନ୍ଦିର ପ୍ରଶାସନ ର ଲୋଗୋ କୁ ପେଟେଣ୍ଟ ମିଳିଛି। ଅନ୍ୟ ୨୬ ଟି ଶବ୍ଦାବଳୀ ର ପେଟେଣ୍ଟ ପାଇଁ ଆମକୁ କିଛି ତଥ୍ୟ ମାଗିଛନ୍ତି। ଆମେ ତାଙ୍କୁ ଖୁବ୍ ଶୀଘ୍ର ପ୍ରଦାନ୍ କରିବୁ। ଖୁବ୍ ଶୀଘ୍ର ଅନ୍ୟ ୱାର୍ଡମାର୍କ ର ମଧ୍ୟ ପେଟେଣ୍ଟ ଆମକୁ ମିଳିବ ବୋଲି ଆଶା କରୁଚୁ। ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ଥିବା ଭକ୍ତ ନିବାସ ଗୁଡିକରେ ସାଇବର୍ ଠକେଇ ରୋକିବା ପାଇଁ ଆମେ ପଦକ୍ଷେପ ଗ୍ରହଣ କରୁଛୁ। ପୂର୍ବରୁ ମଧ୍ୟ ଆମ ଅଭିଯୋଗ କୁ ନେଇ କିଛି ସାଇବର୍ ଅପରାଧୀଙ୍କୁ ପୋଲିସ୍ ଗିରଫ କରିଛି।

୨୦୦ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଶକ୍ତିକେନ୍ଦ୍ର ଓ ସାଙ୍ଗଠନିକ ବୈଠକ

ଆଡ଼ସ,୧୨।୬ : ଆଡ଼ସ ପଞ୍ଚାୟତରେ ଯୁବ ନେତା ଚନ୍ଦ୍ରଶେଖର ବର୍ଗତି (ଗୁରୁ)ଙ୍କ ଅଧ୍ୟକ୍ଷତାରେ ପ୍ରାୟ ୨୦୦ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଶକ୍ତିକେନ୍ଦ୍ର ଓ ସାଙ୍ଗଠନିକ ବୈଠକ ସଫଳତାର ସହିତ ଅନୁଷ୍ଠିତ ହୋଇଥିଲା।ହ ଏହି ବୈଠକରେ ଜିଲ୍ଲା ସଭାପତି ଅରୁଣ ସାହୁ, ଜିଲ୍ଲା ସମ୍ପାଦକ, ଯୁବନେତା ତଥା ମାଲେହିପଡା ସମିତିସଭ୍ୟ ମୁନସୁନ ସାହୁ, ଜିଲ୍ଲା ଝଞ୍ଜ ମୋର୍ଚ୍ଚା ସଭାପତି ଟିକେଶ୍ୱର ପ୍ରଧାନ ଏବଂ ପୂର୍ବତନ ମଣ୍ଡଳ ସଭାପତି ବିରେନ ପ୍ରଧାନ ଯୋଗଦାନ କରି ସଂଗଠନକୁ ଆହୁରି ସୁଦୃଢ କରିବା, ବୁଥ୍ ସ୍ତରରେ କାର୍ଯ୍ୟକର୍ତ୍ତାଙ୍କୁ ସକ୍ରିୟ କରିବା ଏବଂ ଆଗାମୀ କାର୍ଯ୍ୟଯୋଜନା ସମ୍ପର୍କରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଏହି ଅବସରରେ ଆଡ଼ସ ପଞ୍ଚାୟତର ବରିଷ୍ଠ କାର୍ଯ୍ୟକର୍ତ୍ତା ପୁନିଆ ସାହୁ ଓ ଜନ୍ମେଶ୍ୱର ପ୍ରଧାନଙ୍କୁ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସ୍ଥାନୀୟ ବିକାଶ

ପ୍ରତି ନିରନ୍ତର ପ୍ରୟାସର ଫଳସ୍ୱରୂପ ରାମପାଲି ରୋଡ଼ ରାସ୍ତାରୁ ଠେଲକୋବିରୀ ଦେଇ କୁଡାଲପାଲ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ଓ ଠେଲକୋବିରୀ ଟ୍ରାନ୍ସଫର୍ମରର ଶୀଘ୍ର ମରାମତି ଭଳି ଜନହିତକର କାର୍ଯ୍ୟ ସମ୍ଭବ ହୋଇପାରିଛି। ଆଡ଼ସ ପଞ୍ଚାୟତରେ ଚନ୍ଦ୍ରଶେଖର ବର୍ଗତି (ଗୁରୁ)ଙ୍କ ନେତୃତ୍ୱରେ ଅନେକ ଯୁବପିଢ଼ି ସଂଗଠନ ସହ ଯୋଡ଼ି ହୋଇ ସୁଦୃଢ ସଂଗଠନ ଗଠନରେ ସକ୍ରିୟ ଭୂମିକା ନେଉଛନ୍ତି, ଗୁରୁ ଭାଇ ଙ୍କୁ ତାଙ୍କ ପଞ୍ଚାୟତ ର ଦାୟିତ୍ୱ ଦେଇଥିବାରୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଓ ଯୁବପିଢ଼ି ଙ୍କ ମନ ରେ ଅନେକ ଉତ୍ସାହ ଦେଖିବାକୁ ମିଳୁଛି, ଶେଷରେ ଯୁବ ନେତା ବସନ୍ତ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଓ ହସ୍ପିଟାଲ

ତାଳଚେରରେ ପାରାମେଡିକାଲ୍ କର୍ମଚାରୀ ନିଯୁକ୍ତି ସମ୍ବନ୍ଧିତ ତଦନ୍ତ ପାଇଁ ଏମସିଏଲ୍‌ର ନିର୍ଦ୍ଦେଶ

ସମ୍ବଲପୁର,୧୨।୬ : ତାଳଚେରସ୍ଥିତ ପବିତ୍ର ମୋହନ ପ୍ରଧାନ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ (PMPGH) ରେ ସେବା ପ୍ରଦାନକାରୀ ସଂସ୍ଥା 'ମେସର୍ସ କମାଣ୍ଡୋ ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସ' ଦ୍ୱାରା ନିଯୁକ୍ତି କରାଯାଇଥିବା ପାରାମେଡିକାଲ୍ କର୍ମଚାରୀଙ୍କ ଜାଲ୍/ନକଲି ଶିକ୍ଷାଗତ ଓ ଯୋଗ୍ୟତା ପ୍ରମାଣପତ୍ର ଯାଞ୍ଚ ପାଇଁ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (MCL) ପକ୍ଷରୁ ଏକ ୫ ଜଣିଆ ବିଶିଷ୍ଟ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏହି ସମଗ୍ର ବିଷୟର ବିସ୍ତୃତ ତଦନ୍ତ କରିବା, ସେବା ପ୍ରଦାନକାରୀ ସଂସ୍ଥା ଏବଂ ଅନ୍ୟ କାହାର ଯଦି ଏଥିରେ ସଂପୃକ୍ତି ଥାଏ ତେବେ ସେମାନଙ୍କ ଦାୟିତ୍ୱ ନିର୍ଦ୍ଧାରଣ କରିବା ସହ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିୟର୍ (SOP) ସମେତ ଉପଯୁକ୍ତ ସଂଶୋଧନମୂଳକ ପଦକ୍ଷେପ ନେବାପାଇଁ କମିଟିକୁ ଦାୟିତ୍ୱ ଦିଆଯାଇଛି। ଏହି କମିଟିକୁ ଆସନ୍ତା ତିନି (୦୩) ଦିନ ମଧ୍ୟରେ ଏମସିଏଲ୍‌ର ନିର୍ଦ୍ଦେଶକ (ମାନବ ସମ୍ବଳ)ଙ୍କ ନିକଟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଏମସିଏଲ୍ ପକ୍ଷରୁ କମ୍ପାନୀର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (CSR) କାର୍ଯ୍ୟକ୍ରମ ଅଧୀନରେ ଏହି ମେଡିକାଲ କଲେଜ ଏବଂ ହସ୍ପିଟାଲର ଭିତ୍ତିଭୂମି ନିର୍ମାଣ କରାଯାଇଥିଲା। ଡିସେମ୍ବର ୨୦୨୩ ରେ ଏହି ହସ୍ପିଟାଲକୁ ଓଡ଼ିଶା ସରକାରଙ୍କୁ ହସ୍ତାନ୍ତର କରାଯାଇଥିଲା। ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ, ପ୍ରାରମ୍ଭିକ ବ୍ୟବସ୍ଥାଗତ ଆବଶ୍ୟକତା ତଥା ହସ୍ପିଟାଲର ସୁଚାରୁ ପରିଚାଳନା ନିଶ୍ଚିତ କରିବା ପାଇଁ ଏମସିଏଲ୍ ଦ୍ୱାରା ପାରାମେଡିକାଲ କର୍ମଚାରୀ ନିଯୁକ୍ତି ସହିତ ସମସ୍ତ ପ୍ରକାରର ଆନୁଷଙ୍ଗିକ ସହାୟତା ଯୋଗାଇ ଦିଆ ଯାଉଛି। ସମ୍ପ୍ରତି କରାଯାଇଥିବା ଅଳ୍ପ କିଛି ନୂତନ ନିଯୁକ୍ତି କ୍ଷେତ୍ରରେ ହିଁ ଏହି ଅଭିଯୋଗ ଆସିଛି। ଅଭିଯୋଗ ଘେରରେ ଥିବା ସମ୍ପୃକ୍ତ କର୍ମଚାରୀମାନଙ୍କୁ ତୁରନ୍ତ ଚାକିରିରୁ ବହିଷ୍କାର କରାଯାଇଛି। କମିଟିର ତଦନ୍ତ ରିପୋର୍ଟ ଆଧାରରେ ଆଗାମୀ ଦିନରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ବ୍ଲକର ଦୁଇ ଗୋଟି ସ୍ଥାନରେ ରାସ୍ତା ପ୍ରଶସ୍ତୀକରଣର ଶିଳାନ୍ୟାଶ



ଧର୍ମଶାଳା, ୧୨।୬ : ଧର୍ମଶାଳା ବ୍ଲକର ଦୁଇ ଗୋଟି ସ୍ଥାନରେ ରାସ୍ତା ନବିକରଣ ଓ ପ୍ରଶସ୍ତୀକରଣ ପାଇଁ ବିଧାୟକ ହିମାଂଶୁ ଶେଖର ସାହୁ ଆଜି ଶିଳାନ୍ୟାଶ କରିଛନ୍ତି । ପାଟପୁର ପଂଚାୟତ ତିନିମୁହାଣୀ ହାମଜାପୁର ଠାରୁ ବୁଦ୍ଧଲିଙ୍ଗ ପର୍ଯ୍ୟନ୍ତ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୪ କୋଟି ୮୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ରାସ୍ତାର ଆଜି ବିଧାୟକଙ୍କ କରକମଳରେ ଶିଳାନ୍ୟାଶ କରାଯାଇଛି । ଏଥିସହ ଗଙ୍ଗାଧରପୁର ପଂଚାୟତର ଆରଏନବି ରାସ୍ତା ଠାରୁ ବଙ୍ଗାଳିସାହି ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତୀକରଣ ପାଇଁ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୩କୋଟି ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁଥିବା ରାସ୍ତା ପାଇଁ ଅଜି ଧର୍ମଶାଳା ବିଧାୟକ ଶ୍ରୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାଶ କରିଛନ୍ତି। ଏହି ଶିଳାନ୍ୟାଶ କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀଙ୍କ ସମେତ ଜୋନ ସଭାପତି ପ୍ରଶାନ୍ତ କୁମାର ନାୟକ,ଯୁବ ସଙ୍ଗଠକ ରାଜେଶ କୁମାର ପାଳ, ଜିତେନ୍ଦ୍ର ରାଉତ, ବ୍ଲକ ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ଜିଲ୍ଲାପରିଷଦ ସଭ୍ୟା ସ୍ମୃତିରେଖା ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଉଭୟ ସ୍ଥାନରେ ସ୍ଥାନୀୟ ଲୋକମାନେ ବିଧାୟକଙ୍କୁ ଉତ୍ସସିତ ସମ୍ବର୍ଦ୍ଧନା ଦେଇ ବାଜା , ବାଣ ଓ ରୋଷଣୀ କରି ଶିଳାନ୍ୟାଶ ସ୍ଥଳକୁ ପାଛୋଟି ନେଇଥିଲେ।

ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି : ଜନତା କଂଗ୍ରେସ

କଟକ,୧୨।୬ : ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ଡି ଜି ପି ଅଫିସ ଆଗରେ ବିକ୍ଷୋଭ ଓ ପ୍ରତିବାଦ ସଭା ସହ ଡି ଜି ପି ଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଛି। ଜେଲ୍ ରୋଡ ନେତାଜୀ ମିଉଜିୟମ୍ ଠାରୁ ଏକ ରାଲୀ ଦଳ ପକ୍ଷରୁ ରାଜ୍ୟ ସଭାପତି ଇଞ୍ଜିନିୟର ମହମ୍ମଦ ମୁକିମ୍ ଙ୍କ ନେତୃତ୍ୱ ରେ ଡି ଜି ପି ଅଫିସ ପର୍ଯ୍ୟନ୍ତ ଆସି ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ଡି ଜି ପି ଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଛି । ଏହି ଦାବୀ ପତ୍ରରେ ଉଲ୍ଲେଖ ରହିଛି ରାଜ୍ୟର ସାଧାରଣ ଜନତା ପୋଲିସ ଉପରେ ଆସ୍ଥା ହରାଇଛନ୍ତି । ବର୍ଷ ୨୦୨୬ର ପ୍ରାରମ୍ଭିକ ମାସ ମାନଙ୍କରେ ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ୫ଟି ହତ୍ୟାକାଣ୍ଡ, ନିକଟ ଅତୀତରେ ପୁରୀ କଣାସ ଠାରେ ଘଟିଥିବା ଘଟଣା ଏବଂ ବର୍ବରତାର ସୀମା ଅତିକ୍ରମ କରିଥିବା ସୌମ୍ୟ ହତ୍ୟାକାଣ୍ଡ ଘଟଣା ସ୍ପଷ୍ଟ କରିଦେଇଥିଲା କି ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି । ବର୍ଷ ୨୦୨୪ ରୁ ୨୦୨୫ମଧ୍ୟରେ ଅପରାଧିକ କାର୍ଯ୍ୟକଳାପରେ ୭.୩% ବୃଦ୍ଧି ପାଇଛି । ଏ ସମସ୍ତ ଘଟଣା ମଧ୍ୟରେ ବାରଙ୍ଗ ଥାନାରେ ରାକେଶ ବେହେରା ନାମକ ଯୁବକକୁ ଦିଆଯାଇଥିବା ନିର୍ଯାତନା ତଥା ଏବେ କବିସୂର୍ଯ୍ୟନଗର ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ଯୁବକ ସୁଶାନ୍ତ ସାହୁକୁ ସ୍ଥାନୀୟ ଥାନାରେ ଦିଆଯାଇଥିବା ନିର୍ଯାତନା ଏବଂ ଏହାପରେ ତାଙ୍କର ମୃତ୍ୟୁ ରାଜ୍ୟର ଆଇନ ବ୍ୟବସ୍ଥା ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସାଧାରଣ ଜନତାଙ୍କ ରକ୍ଷକ ପୋଲିସଙ୍କ ଉପରେ ଆଜି ଜନ ଅସନ୍ତୋଷ ବୃଦ୍ଧି ପାଉଛି । ଏପଟେ ରାଜ୍ୟରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ସମୟରେ ସେପଟେ ପୋଲିସଙ୍କ ଉପରେ ସାଧାରଣ ଜନତା ବିଶ୍ୱାସ ହରାଉଛନ୍ତି । ଏପରି ପରିସ୍ଥିତି ଓଡ଼ିଶା ପରି ଶାନ୍ତିପ୍ରିୟ ରାଜ୍ୟ ପାଇଁ ଆଦୌ ଶୁଭଙ୍କର ନୁହେଁ । ଏଣୁ ଆପଣଙ୍କୁ ବିନୀତ ଅନୁରୋଧ ଏକ ଉଚ୍ଚ ସ୍ତରୀୟ ସ୍ୱତନ୍ତ୍ର କମିଟି ଗଠନ କରି ଏ ସମସ୍ତ ଘଟଣାର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ସହ ଦୋଷୀ ମାନଙ୍କ ଉପରେ କଠୋର ରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଏବଂ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଅଣାଯାଉ । ନଚେତ ଆଗାମୀ ଦିନରେ ଓଡ଼ିଶା ଜନତା କଂଗ୍ରେସ ସମଗ୍ର ରାଜ୍ୟରେ ଗଣବିକ୍ଷୋଭ ପ୍ରଦର୍ଶନ କରି ବୋଲି ଚେତା ବନି ଦେଇଛି ।

ବିଦ୍ୟୁତ ସମସ୍ୟାକୁ ନେଇ ଜନଆକ୍ରୋଶ

ସରୋଜ ମେହେରଙ୍କ ନେତୃତ୍ୱରେ ବିଜେଡିର ବିଶାଳ ରାଲି

ଖପ୍ରାଖୋଲ,୧୨।୬ : ସାଧାରଣ ଜନତାଙ୍କ ସ୍ୱାର୍ଥ ସହ ସିଧାସଳଖ ଭାବେ ଜଡିତ ବିଦ୍ୟୁତ ସମସ୍ୟା, ଅଘୋଷିତ ବିଦ୍ୟୁତ କାଟ ଏବଂ ଉପଭୋକ୍ତାଙ୍କ ବଢୁଥିବା ଦୁର୍ଦ୍ଦଶାକୁ ନେଇ ଖପ୍ରାଖୋଲରେ ବିଜୁ ଜନତା ଦଳ ପକ୍ଷରୁ ଏକ ବିରାଟ ପ୍ରତିବାଦ ଓ ଜନଜାଗରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂର୍ବତନ ବିଧାୟକ ସରୋଜ ମେହେରଙ୍କ ନେତୃତ୍ୱରେ ହଜାର ହଜାର ବିଜେଡି କର୍ମୀ, ସମର୍ଥକ ଓ ସାଧାରଣ ଜନତା ଏକ ବିଶାଳ ରାଲିରେ ସାମିଲ ହୋଇ ଜନସ୍ୱାର୍ଥ ସମ୍ବଳିତ ସାତ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ସ୍ମାର୍ଟ ମିଟର ବ୍ୟବସ୍ଥାକୁ ତୁରନ୍ତ ବନ୍ଦ କରିବା, ପୁରୁଣା ବକେୟା ବିଦ୍ୟୁତ ବିଲ ଆଦାୟ ପ୍ରକ୍ରିୟାକୁ ରଦ୍ଦ କରିବା, ଘଣ୍ଟା ଘଣ୍ଟା ଧରି ଚାଲୁଥିବା ଅଘୋଷିତ ବିଦ୍ୟୁତ କାଟକୁ ବନ୍ଦ କରିବା, ଉପଭୋକ୍ତାଙ୍କୁ ନିରବିଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବା ସମେତ ବିଭିନ୍ନ ଜନହିତକର ପ୍ରସଙ୍ଗ ସ୍ଥାନ ପାଇଥିଲା। ଏହି ଅବସରରେ ପୂର୍ବତନ ବିଧାୟକ ସରୋଜ ମେହେର କହିଥିଲେ ଯେ, ବର୍ତ୍ତମାନର ବିଦ୍ୟୁତ ବ୍ୟବସ୍ଥା ଯୋଗୁଁ ସାଧାରଣ ଲୋକେ ନାନା ପ୍ରକାର ଅସୁବିଧା ଓ ହଇରାଣର ଶିକାର ହେଉଛନ୍ତି। ଜନସାଧାରଣଙ୍କ ଯୁକ୍ତିସଙ୍ଗତ ଦାବି ପ୍ରତି ସରକାର ଯଦି ତୁରନ୍ତ ଗୁରୁତ୍ୱ ଦେଇ ସମାଧାନର ପଦକ୍ଷେପ ନନିଅନ୍ତି, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ ଓ ତୀବ୍ର କରାଯିବ ବୋଲି ସେ ଚେତାବନୀ ଦେଇଥିଲେ। କାର୍ଯ୍ୟକ୍ରମରେ ବିପୁଳ ସଂଖ୍ୟାରେ ବିଜେଡିର ବରିଷ୍ଠ ନେତୃବୃନ୍ଦ, କର୍ମୀ ଓ ସାଧାରଣ ଜନତା ଉପସ୍ଥିତ ରହି ଦାବିଗୁଡ଼ିକ ପ୍ରତି ଦୃଢ଼ ସମର୍ଥନ ଜଣାଇଥିଲେ। ପରେ ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ ସାତ ଦଫା ଦାବିପତ୍ର ବିଦ୍ୟୁତ ବିଭାଗର ଏସଡିଓ ଦେବଦତ୍ତ ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା।

ବିଭାଗ ରୋକିବାରେ ବିଫଳ

ତେଲ୍ ଓ ଉତେଇ ନଦୀରୁ ବାଲିଚାଲାଣ

କଳାହାଣ୍ଡି,୧୨।୬ : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଅଞ୍ଚଳରେ ବେଆଇନ ବାଲି ଚାଲାଣ ବନ୍ଦ ହେବାର ନାଁ ଧରୁନାହିଁ । ଖଣି ବିଭାଗର ନିରବ ଦ୍ରଷ୍ଟାର ସୁଯୋଗ ନେଇ ବାଲି ମାଫିଆ ବିଭିନ୍ନ ନଦୀଘାଟରୁ ଦିନ ରାତି ହାଇୱା ଓ ଟ୍ରାକ୍ଟରରେ ବାଲି ଚାଲାଣ କରୁଥିବା ଦେଖିବାକୁ ମିଳିଛି । ବିଭିନ୍ନ ସମୟରେ ଖଣିବିଭାଗ ଧର୍ମକୁ ଆଖିଠାର ସଦୃଶ୍ୟ ଚଢଉ ଓ ସାମାନ୍ୟ ଜରିମାନା ଆଦାନ କରୁଥିବା ବେଳେ ବାଲି ଚାଲାଣକାରୀ ବିରୋଧରେ କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ କରୁନଥିବାରୁ ବେଆଇନ ବାଲି ଚାଲାଣ ନିୟନ୍ତ୍ରଣ ବାହାରକୁ ଚାଲି ଯାଉଥିବା ଅଭିଯୋଗ ହେଉଛି । କର୍ଲାମୁଣ୍ଡ ବ୍ଲକ ଦେଇ ପ୍ରବାହିତ ତେଲ ଏବଂ ଉତେଇ ନଦୀରେ ବାଲି ମାଫିଆଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି । ବାଲି ମାଫିଆଙ୍କ ଲୋଲୁପ ଦୃଷ୍ଟି ଯୋଗୁଁ ଉଭୟ ତେଲ ଉତେଇ ନଦୀ ଅସ୍ତିତ୍ୱ ହରାଇବା ନେଇ ଆଶଙ୍କା ପ୍ରକାଶ ପାଇଛି । ଖଣି

ମାଫିଆ ମାଲେମାଲ
ଲକ୍ଷାଧିକ ଟଙ୍କା କ୍ଷତି ସହୁଛି ରାଜସ୍ୱ ବିଭାଗ

ବିଭାଗର ଉଦାସୀନତା ଯୋଗୁଁ ବାଲି ମାଫିଆ ବେଫିକର ଭାବେ ସେମାନଙ୍କ କାରବାର ଜାରିରଖିଥିବା ଦେଖିବାକୁ ମିଳିଛି। କୁନ୍ଦେଇପାଲି ଘାଟ ଅଛି ଅଥଚ ଖଣି ବିଭାଗର ପାଖରେ ଖବର ନାହିଁ । ପ୍ରକାଶ ଯେ କୁଦେଇପାଲି ଗାଁ ଭିତରେ ଗାଡ଼ି ଯାତାୟତ କରୁଥିବାରୁ ଲୋକେ ଶୋଇ ପାରୁନଥିବା ମଧ ଅଭିଯୋଗ ହେଉଛି । ରାତିଯାଏ ଏଠାରୁ ଟ୍ରାକ୍ଟର ରୁ ବାଲି ଚାଲାଣ ହେଉଛି। ୩ ଫୁଟ ପାଣି ଥିବା ସତ୍ତ୍ୱେ ମଧ୍ୟ ବାଲି ଥିବା ସ୍ଥାନକୁ ଗାଡ଼ି ନେଉଥିବା ଦେଖିବାକୁ ମିଳିଛି । ବିନ ରୟାଲଟି, ବିନା ପ୍ରଦୂଷଣ ପ୍ରମାଣପତ୍ର ତଥା ସିଟିଓରେ କୌନସି କାଗଜ ପତ୍ର ନ ଥାଇ ପ୍ରତ୍ୟୋହ ଶତାଧିକ ଟ୍ରିପ ବାଲି ଚାଲାଣ ହେଉଛି। ଏ ପରିକି ପୌରକେଲା ଘାଟର ଲିଜ ସରି ଯାଇଥିଲେ ମଧ ଅଦ୍ୟାବଧି ସେହି ଘାଟରୁ ବେଆଇନ ଭାବେ ବାଲି ଉଠୁଥିବା ଅଭିଯୋଗ ହେଉଛି। ଏପରିକି ଅନେକ ସ୍ଥାନରେ ଶହ ଶହ ଟ୍ରିପ ବାଲି ବେଆଇନ ଭାବେ ବର୍ଷା ହେବା ଆଗରୁ ନିଜ ବ୍ୟବସାୟ ପାଇଁ ଗଛିତ ରଖାଯାଇଥିବା ବେଳେ ଏନେଇ ଖଣି ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ବାଲି ମାଫିଆ ପରୋକ୍ଷ ଭାବେ ଉତ୍ସାହିତ କରୁଛି। କେତେକ ପ୍ରଭାବ ଶାଳି ନେତା କିଛି ମୁଷ୍ଟିମେୟ ବ୍ୟକ୍ତି କହାକୁ ଖାତିର ନ କରି ବାଲି ଚାଲାଣ କରୁଥିବାରୁ ଖଣି ବିଭାଗ କାର୍ଯ୍ୟାନୁଷ୍ଠାନ ପାଇଁ ପଛ ଘୁଞ୍ଚା ଦେଉଥିବା ଅଭିଯୋଗ ହେଉଛି। ବିଭିନ୍ନ ଅଞ୍ଚଳରେ ଅନେକ ପ୍ରକଳ୍ପ ନିର୍ମା ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ଏହାର ସୁବିଧା ନେଇ ଟ୍ରିପ ପିଛା ଉଚ୍ଚା ଦରରେ ବାଲି ବିକ୍ରି କରି ମାଫିଆମାନେ ମାଲେ ମାଲ ହେଉଥିବା ବେଳେ ସରକାର ଲକ୍ଷ ଲକ୍ଷ ଟଙ୍କା ରରାଜସ୍ୱ ହରାଉଛନ୍ତି । ଜିଲ୍ଲା ପ୍ରଶାସନ ବେ ଆଇନ ବାଲି ଚାଲାଣ ଉପରେ ଦୃଷ୍ଟି ଦେଇ ଦୃଢ କାର୍ଯାନୁଷ୍ଠାନ ନେବାକୁ ଦାବି ହେଉଛି ।

ଚିକିତ୍ସା ଅଭାବରୁ ନବଜାତ ଶିଶୁର ମୃତ୍ୟୁ

ଅଭିଯୋଗ ଆଣିଲେ ପରିବାର

ରାଇଘର,୧୨।୬ : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ଯୋଡିଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଡକ୍ଟରଙ୍କ ଚିକିତ୍ସା ଅବହେଳାରୁ ଶିଶୁ କନ୍ୟାର ମୃତୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୁଚନା ଅନୁଯାୟୀ ଯୋଡ଼ିଙ୍ଗା ପଞ୍ଚାୟତର ବରଙ୍ଗା ଗ୍ରାମର ଲଚନ ଗଣ୍ଡଙ୍କ ଝିଅ ପ୍ରମିଳା ସାତ ବର୍ଷ ତଳେ ଛତିଶ ଗଡ଼ କୁବିଡା ଗ୍ରାମ ର ଶିଉ ଗଣ୍ଡ ଙ୍କୁ ବିବାହ କରିଥିଲେ। ଗତ କିଛି ମାସ ହେବ ପ୍ରମିଳା ନିଜ ଗ୍ରାମକୁ ଆସି ରହୁଥିଲେ। ପାଞ୍ଚ ମାସ ପୂର୍ବେ ଯୋଡ଼ିଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଗୋଟାଏ ପୁତ୍ର ଜନ୍ମ ଦେଇଥିଲେ । ଜନ୍ମ କଲା ପରେ ମେଡିକାଲରୁ ଡିସଚାର୍ଜ ହୋଇ ଘରକୁ ଚାଲିଯାଇଥିଲେ। ଗତ କାଲି ଜ୍ୱର ହେବାରୁ ଯୋଡ଼ିଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଠିକ୍ ସମୟରେ ଚିକିତ୍ସା ନ ମିଳିବାରୁ ମୃତୁ ବରଣ କରିଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଏ ନେଇ ହାଟ ଭରାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଇନ୍ ଚାର୍ଜ ଡକ୍ଟର ଦଶରଥ ନାଗଙ୍କ ସହ ଯୋଗା ଯୋଗ ପରେ ସେ କହିଥିଲେ ଯେ ସେ ମେଡିକାଲ ରେ ପହଞ୍ଚିବା ପରେ ଠିକ୍ ଚିକିତ୍ସା କରାଯାଇଛି। କିନ୍ତୁ କିଛି ବ୍ୟକ୍ତି ଘଟଣାକୁ ରାଜନୈତିକରଣ କରୁଥିବା ପ୍ରକାଶ କରିବା ସହ ତଦନ୍ତ ପରେ ପ୍ରକୃତ ତଥ୍ୟ ସମ୍ନାକୁ ଆସିବ ବୋଲି କହିଛନ୍ତି। ଏବଂ ଚିକିତ୍ସା କରୁଥିବା ଡାକ୍ତର ବି କହିଛନ୍ତି ଯେ କୌଣସି ପ୍ରକାର ଶିଶୁକୁ ଚିକିତ୍ସାର ଅଭାବ କରାଯାଇନାହିଁ। ବରଂ ପରିବାର ଲୋକେ ଡେରି ମେଡିକାଲକୁ ଆଣିଥିଲେ ଅତ୍ୟଧିକ ଜ୍ୱର ଥିବାରୁ ଶିଶୁ ଉଦ୍ୟାନର ଅବସ୍ଥା ସ୍ଥିର କରିବାକୁ ଚେଷ୍ଟା କରାଯାଇଥିଲା। କିନ୍ତୁ ଅକସ୍ମାତ୍ ମୃତ୍ୟୁ ଘଟିଥିଲା।

ମକ୍ରାଗୁଡ଼ାରେ ପାଣି ପାଇଁ ରାସ୍ତା ଅବରୋଧ

- ଫ୍ଲୋରାଇଡ୍‌ଯୁକ୍ତ ପାଣି ପିଇ ଲୋକେ ହନ୍ତସନ୍ତ
- କିଡ୍‌ନୀ ରୋଗରେ ଗଲାଣି ଦୁଇଟି ଜୀବନ

କଳାହାଣ୍ଡି,୧୨।୬ : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଲେତେର ଗ୍ରାମ ପଞ୍ଚାୟତ ଅଧୀନସ୍ତ ମକ୍ରାଗୁଡା ଗ୍ରାମରେ ଦୀର୍ଘ ଦିନ ଧରି ଶୁଦ୍ଧ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଜଳ ଜୀବନ ମିଶନ ଯୋଜନା ଅନୁସାରେ ପ୍ରତ୍ୟେକ ଘରକୁ ପାଣି ପହଞ୍ଚାଇବାର ଲକ୍ଷ୍ୟ ଥିଲେ ମଧ ଏହି ଗ୍ରାମରେ ଯୋଜନା କେବଳ କାଗଜକଲମରେ ସୀମିତ ରହିଥିବା ଅଭିଯୋଗ ହେଉଛି। ଗ୍ରାମବାସୀ ମାନେ ଫ୍ଲୋରାଇଡ୍ ଯୁକ୍ତ ଦୂଷିତ ପାଣି ପିଇବାକୁ ବାଧ୍ୟ ହେଉଥିବା ବେଳେ ବିଭିନ୍ନ ରୋଗରେ ପୀଡ଼ିତ ହେଉଛନ୍ତି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ କିଡନୀ ରୋଗରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବାରୁ ଗ୍ରାମରେ ଭୟ ଓ ଅସନ୍ତୋଷ ବଢ଼ିଛି । ପାଣି ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଗୁରୁବାର ଦିନ ଗ୍ରାମବାସୀମାନେ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ତୁରନ୍ତ ଶୁଦ୍ଧ ପାନୀୟ ଜଳ ଯୋଗାଣ ସହ ଜଳ ଜୀବନ ମିଶନ କାର୍ଯ୍ୟକାରୀ କରିବାକୁ ସେମାନେ ପ୍ରଶାସନ ନିକଟରେ ଦାବି କରି ଆସୁଛନ୍ତି । ଗ୍ରାମବାସୀଙ୍କ କହିବା ଅନୁସାରେ, ପାଞ୍ଚ ବର୍ଷ ପୂର୍ବରୁ ଅନେକ ଥର ଜୁନାଗଡ଼ ବିଧାୟକ, ପ୍ରଶାସନ ଓ ବିଭାଗୀୟ ସହକାରୀ ଯନ୍ତ୍ରୀ ଧର୍ମଗଡ଼, କନିଷ୍ଠ ଯନ୍ତ୍ରୀ ଗୋଲାମୁଣ୍ଡାଙ୍କୁ ଜଣାଇ ଆସୁ ଥିଲେ ମଧ କେହି ଶୁଣି ନ ଥିଲେ । ଏହାକୁ ନେଇ ସାଧାରଣ ଲୋକଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ସରକାର ଓ ପ୍ରଶାସନ ନ ଶୁଣିବାରୁ ମକ୍ରାଗୁଡା ଗ୍ରାମବାସୀ ଓ ମହିଳା ମାନେ ରାସ୍ତାରେ ଗରା ମାଠିଆ ରଖି ଗୁରୁବାର ସକାଳ ୬ ଟା ସମୟରୁ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କରିଥିଲେ । ଯାହାକୁ ନେଇ ରାସ୍ତାରେ ଯାତାୟାତ କରୁଥିବା ଲୋକେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ଘଟଣାସ୍ଥଳରେ କେଗାଁ ପୁଲିସ ପହଞ୍ଚି ନିୟନ୍ତ୍ରଣ ରଖିଥିବା ବେଳେ ଗୋଲାମୁଣ୍ଡା ତହସିଲଦାର ଚନ୍ଦନ କୁମାର ନାଏକ, ଅତିରିକ୍ତ ବିଡ଼ିଓ ଗୋଲାମୁଣ୍ଡା,ଧର୍ମଗଡ଼ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ଦିବ୍ୟ ପ୍ରକାଶ ଜଗତ,କନିଷ୍ଠ ଯନ୍ତ୍ରୀ ସୁବାଶ ପଣ୍ଡା, ସରପଞ୍ଚ ଦମୟନ୍ତୀ ଭୋଇ ଓ ପିଇଓ ରାଜମନ ଶବର ପ୍ରମୁଖ ପହଞ୍ଚି ବୁଝାସୁଝା କରିଥିଲେ। ଦୁଇ ମାସ ଭିତରେ ପିଇବା ପାଣି ଯୋଗାଇ ଦେବାକୁ ପ୍ରତିଶୃତି ଦେବା ପରେ ରାସ୍ତା ଅବରୋଧର ଧାରଣା ରୁ ମହିଳା ମାନେ ହଟିଥିଲେ।

ବିଡିଓଙ୍କ ଗାଡ଼ି ଉପରେ ଦୁର୍ବୃତ୍ତଙ୍କ ପଥରମାଡ଼

ଦଶପଲ୍ଲା,୧୨।୬ : ନୟାଗଡ଼ ଜିଲ୍ଲା ଦଶପଲ୍ଲାରେ ବିଡିଓଙ୍କ ଗାଡ଼ି ଉପରେ ଦୁର୍ବୃତ୍ତଙ୍କ ପଥରମାଡ଼। ଏହି ଆକ୍ରମଣରେ ଗାଡ଼ିର ଆଗ କାଚ ଭାଙ୍ଗିଯାଇଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଦଶପଲ୍ଲା ବିଡିଓ ଶରତ କୁମାର ମଲ୍ଲିକ ଓ ତାଙ୍କ ଡ୍ରାଇଭର। ଘଟଣାକୁ ନେଇ ଥାନାରେ ଅଭିଯୋଗ ହୋଇଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି। ଦଶପଲ୍ଲା ବ୍ଲକର ବିଡିଓ ଶରତ କୁମାର ମଲ୍ଲିକ ଏସ୍ଆଇଆ ? କାର୍ଯ୍ୟର ତଦାରଖ ପାଇଁ ନଛିପୁର ପଞ୍ଚାୟତକୁ ଯାଇଥିଲେ। ସେଠାରେ ଜଣେ ଅଗ୍ନିବିପନ୍ନ ପରିବାରକୁ ସରପଞ୍ଚଙ୍କ ସହ ମିଶି ସରକାରୀ ସହାୟତା ବଣ୍ଟନ କରିବା ପରେ ଫେରୁଥିବା ସମୟରେ ଏହି ଅଘଟଣ ଘଟିଥିଲା। ସୂଚନା ଅନୁଯାୟୀ, ରାସ୍ତାରେ ହଠାତ୍ ଦୁଇଜଣ ଦୁର୍ବୃତ୍ତ ବିଡିଓଙ୍କ ଗାଡ଼ିକୁ ଲକ୍ଷ୍ୟ କରି ପଥରମାଡ଼ କରିଥିଲେ। ପଥରଟି ଗାଡ଼ିର ଆଗ କାଚ ଭାଙ୍ଗି ଡ୍ୟାସ୍‌ବୋର୍ଡରେ ବାଜିବା ପରେ ବିଡିଓଙ୍କ ଗୋଡ଼ରେ ଆଘାତ କରିଥିଲା। ତେବେ ଡ୍ରାଇଭର ତୁରନ୍ତ ଗାଡ଼ିକୁ ନିୟନ୍ତ୍ରଣ କରି ରଖିଦେବାରୁ ଏକ ସମ୍ଭାବ୍ୟ ବଡ଼ ଦୁର୍ଘଟଣାରୁ ଉଭୟ ରକ୍ଷା ପାଇଯାଇଥିଲେ। ଘଟଣା ପରେ ବିଡିଓ ଦଶପଲ୍ଲା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

ବାଇଟ୍ : ଶରତ କୁମାର ମଲ୍ଲିକ, ବିଡିଓ, ଦଶପଲ୍ଲା ଆଉଟ୍ରୋ : ଦିନ ଦ୍ୱିପ୍ରହରରେ ଜଣେ ସରକାରୀ ଅଧିକାରୀଙ୍କ ଗାଡ଼ି ଉପରେ ଏଭଳି ପଥରମାଡ଼ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏବେ ପୋଲିସ ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବା ସହ ଘଟଣାର ପ୍ରକୃତ କାରଣ ଖୋଜିବାରେ ଲାଗିପଡ଼ିଛି।

ଟ୍ରାକ୍ଟର ଚାପାରେ ଶ୍ରମିକ ମୃତ

କଳାହାଣ୍ଡି,୧୨।୬ : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ଥାନା ସିଉନୀ-ପାତ୍ରବସା ରାସ୍ତାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଟ୍ରାକ୍ଟରରୁ ଖସିପଡ଼ି ଚାପି ହୋଇଯିବା ଫଳରେ ଜଣେ ଶ୍ରମିକଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ତେବେ ଦୁର୍ଘଟଣା ପରେ ଗୁରୁତର ଶ୍ରମିକଙ୍କୁ ଡାକ୍ତରଖାନା ନେବା ପରିବର୍ତ୍ତେ ଏକ ଘରେ ଲୁଚାଇ ରଖାଯାଇଥିବା ନେଇ ମାଲିକ ତଥା ଡ୍ରାଇଭରଙ୍କ ବିରୋଧରେ ସଂଘାତିକ ଅଭିଯୋଗ ଆସିଛି। ପ୍ରାପ୍ତ ସୂଚନା ମତେ ମୃତ ଶ୍ରମିକ ଜଣକ ହେଲେ ଆମପାଣି ପଞ୍ଚାୟତ କନ୍ଦାଗଡ଼ ଗ୍ରାମର କ୍ଷୀରସିନ୍ଧୁ ମାଝୀଙ୍କ ପୁଅ ତ୍ରିନାଥ ମାଝୀ (୧୮) । ବୁଧବାର ଦିନ ପାତ୍ରବସା ଗ୍ରାମର ଏକ ଟ୍ରାକ୍ଟରରେ ତ୍ରିନାଥ ଶ୍ରମିକ ଭାବେ କାମ କରୁଥିଲେ । ନିକଟସ୍ଥ କମଲ ନଦୀରୁ ବାଲି ଲୋଡ୍ କରି ସିଉନୀ ଗ୍ରାମରେ ଖାଲି କରି ଫେରୁଥିବା ସମୟରେ, ସିଉନି-ପାତ୍ରବସା ରାସ୍ତାରେ ହଠାତ୍ ତ୍ରିନାଥ ଟ୍ରାକ୍ଟରରୁ ଖସିପଡ଼ିଥିଲେ ଏବଂ ତାଙ୍କ ଉପରେ ଟ୍ରଲିଟି ମାଡ଼ି ଯାଇଥିଲା। ଦୁର୍ଘଟଣା ପରେ ଗୁରୁତର ଶ୍ରମିକଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇବା ପରିବର୍ତ୍ତେ ଟ୍ରାକ୍ଟର ମାଲିକ ତଥା ଡ୍ରାଇଭର ତାଙ୍କୁ କନ୍ଦାଗଡ଼ ବାଲିପଡ଼ାର ଏକ ଘରେ ନେଇ ରଖିଥିଲେ। ତେବେ କେଉଁ ପରିସ୍ଥିତିରେ ଏବଂ କେଉଁ ଉଦ୍ଦେଶ୍ୟରେ ଟ୍ରାକ୍ଟର ମାଲିକ ଶ୍ରମିକଙ୍କ ପରିବାରକୁ ନଜଣାଇ ତାଙ୍କୁ ଗୋପନରେ ଲୁଚାଇ ରଖିଥିଲେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସହ ସନ୍ଦେହ ପ୍ରକାଶ ପାଇଛି। ଏହା ପଛରେ ଅନ୍ୟ କୌଣସି ରହସ୍ୟ ଥାଇପାରେ ବୋଲି ପରିବାର ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି । କୌଣସି ସୂତ୍ରରୁ ଖବର ପାଇ ତ୍ରିନାଥଙ୍କ ପରିବାର ଲୋକେ ସେଠାରେ ପହଞ୍ଚିଥିଲେ ଏବଂ ତାଙ୍କ ଠାରୁ ସମସ୍ତ ବିଷୟ ଜାଣିବା ପରେ ତୁରନ୍ତ କୋକସରା ମେଡ଼ିକାଲରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ମୃତକଙ୍କ ପରିବାର ପକ୍ଷରୁ ଆମପାଣି ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଆମପାଣି ପୁଲିସ କୋକସରା ମେଡିକାଲରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ଗୁରୁବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

ମିଲରଙ୍କ ମନମାନୀ ଯୋଗୁଁ ଉଠୁନି ଧାନ

୨୨ ମିଲର କିଣିବେ କଳାହାଣ୍ଡି ଧାନ

କଳାହାଣ୍ଡି,୧୨।୬ : କଳାହାଣ୍ଡି ଜିଲାରେ ମିଲରଙ୍କ ମନମାନି ଯୋଗୁ ଧାନ ଉଠାଣରେ ବିଳମ୍ବିତ ହୋଇଛି । ଜିଲାର ପ୍ରାୟ ମଣ୍ଡିରେ ଧାନ କିଣାରେ ଅଚଳାବସ୍ଥା ଜାରି ରହିଛି। ବୁଧବାର ଏହି ସମସ୍ୟାକୁ ନେଇ ଜିଲାର ବିଭିନ୍ନ ଅଞ୍ଚଳର ଚାଷୀ ରାସ୍ତାରୋକ କରିଥିବାବେଳେ ଆଉ କେତେକ ଅଞ୍ଚଳର ଚାଷୀ ଜିଲାପାଳ, ଉପ ଜିଲାପାଳ, ଜିଲା ଯୋଗାଣ ଅଧିକାରୀଙ୍କୁ ସମସ୍ୟା ଜଣାଉଥିବା ଦେଖିବାକୁ ମିଳିଛି । ଏପଟେ ବିଭିନ୍ନ ଆଳ ଦେଖାଇ କଳାହାଣ୍ଡିର ମିଲର୍ସ ମଣ୍ଡିରୁ ଧାନ ଉଠାଉ ନ ଥିବାରୁ ଜିଲା ପ୍ରଶାସନ ପକ୍ଷରୁ ବଲାଙ୍ଗୀର ଜିଲାର ୨୨ ଜଣ ମିଲର୍ସ ଆଣିବା ପାଇଁ ପ୍ରସ୍ତୁତି ଚୁଡାନ୍ତ ହୋଇଛି। ଗୁରୁବାର ୭ ଜଣ ମିଲର୍ସ କଳାହାଣ୍ଡି ଆସି ଏଗ୍ରିମେଣ୍ଟ କରିଥିବାବେଳେ ଶୁକ୍ରବାର ଅବଶିଷ୍ଟ ଆସି ଏଗ୍ରିମେଣ୍ଟ କରିବେ ବୋଲି ଯୋଗାଣ ବିଭାଗ ପକ୍ଷରୁ ଜଣାପଡିଛି। ଏହି ସୂଚନା ମିଳିବା ପରେ ଚାଷୀମାନଙ୍କ ମଧରେ

କିଛିଟା ଆଶ୍ୱସ୍ତି ପ୍ରକାଶ ପାଇଛି।କଳାହାଣ୍ଡି ଜିଲାରେ ପ୍ରଥମ ପର୍ଯ୍ୟାୟରେ ୧୯ଲକ୍ଷ ୬୧ ହଜାର ୫୫୦ କୁଇଣ୍ଟାଲ ଧାନ ଉଠାଣ ପାଇଁ ଟାର୍ଗେଟ ଆସିଛି ବୁଧବାର ସୁଦ୍ଧା ଜିଲାର ୧୪ହଜାର ୩୫୫ ଜଣ ଚାଷୀ ୮ଲକ୍ଷ ୮୬ ହଜାର ୬୪୯ କୁଇଣ୍ଟାଲ ଧାନ ବିକ୍ରି କରିସାରିଥିବା ଜଣାପଡିଛି। କେବଳ ବୁଧବାର ୧୫୮୧ ଚାଷୀ ୯୭ ହଜାର ୭୪୬ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ଗତବର୍ଷ ରବିରେ ଏହି ତାରିଖରେ ୨୨ ହଜାର ୪୫୪ ଚାଷୀ ୧୫ ଲକ୍ଷ ୫୭ ହଜାର ୪୮୪ କୁଇଣ୍ଟାଲ ଧାନ ବିକ୍ରି କରି ସାରିଥିଲେ। ଏହି ରିପୋର୍ଟକୁ ଦେଖିଲେ ଚଳିତ ରବି ଧାନ ସଂଗ୍ରହ ପ୍ରକିୟା ଗତବର୍ଷ ରବିଠାରୁ ପ୍ରାୟ ଅଧା ହୋଇଥିବା ଜଣାଯାଏ। ସରକାରୀ ରିପୋର୍ଟ ଅନୁଯାୟୀ, ବୁଧବାର ସୁଦ୍ଧା ଜିଲାରେ ପ୍ରାୟ ୧୧ହଜାର ୯୮୧ କୁଇଣ୍ଟାଲ ଧାନ ମଣ୍ଡିରେ ପଡିରହିଛି। ଜିଲାର ୧୬୨ଟି ମଣ୍ଡିରୁ ଧାନ ଉଠାଣ ନିମନ୍ତେ ୯୭ ଜଣ ମିଲର୍ସଙ୍କୁ ଟ୍ୟାଗିଂ କରାଯାଇଛି। କୁଇଣ୍ଟାଲ ପିଛା ୬କେଜି କଟନି ହେଉଥିବାବେଳେ ବର୍ତ୍ତମାନ ଏହା ବୃଦ୍ଧି ପାଇବାରେ ଲାଗିଛି। ଦଲାଲ ଜରିଆରେ କମ୍ ଦରରେ ଧାନ କିଣି ମିଲର୍ସ ପଏଣ୍ଟମାନଙ୍କୁ ଯାଉଥିବା ଯୋଗୁ ମଣ୍ଡିରେ ଧାନ କିଣିବା ପାଇଁ ମିଲର୍ସମାନେ ବିଭିନ୍ନ ଆଳ ଦେଖାଇ ଧାନ ଠିକ ଭାବରେ ଉଠା ହେଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ରାଜନେତାଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ମଣ୍ଡି ପରିଦର୍ଶନ କରି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ସାଧାରଣରେ ଉଦବେଗ ପ୍ରକାଶ ପାଇଛି । କିଛି ରାଜନେତା ଚାଷୀଙ୍କ ସମ୍ମୁଖରେ ପ୍ରଶାସନକୁ ଅନୁରୋଧ କରୁଥିଲେ ମଧ ମିଲର୍ସଙ୍କ ମର୍ଜି ଯୋଗୁ ଉଠାଣରେ ବିଳମ୍ବ ହେଉଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଜିଲା ବାହାରର ମିଲର୍ସଙ୍କୁ କଳାହାଣ୍ଡିର ଧାନ କିଣାରେ ନିୟୋଜିତ କରିବା ପାଇଁ ଅନୁରୋଧ କରିଥିଲେ।

୧୩ ଦଫା ଦାବି ନେଇ ବଙ୍ଗୋମୁଣ୍ଡା ବ୍ଲକ ଘେରାଉ

ବଙ୍ଗୋମୁଣ୍ଡା,୧୨।୬ : ବିଜେଡି ପକ୍ଷରୁ ଆଜି ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ କାର୍ଯ୍ୟାଳୟଙ୍କୁ ଘେରାଉ କରାଯାଇଛି । ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ଅଜିତ କୁମାର ଯୋଶୀଙ୍କ ନେତୃତ୍ୱରେ ବଙ୍ଗୋମୁଣ୍ଡା ହନୁମାନ ମନ୍ଦିର ଠାରୁ ବିରାଟ ଶୋଭାଯାତ୍ରାରେ ବାହାରି ବଙ୍ଗୋମୁଣ୍ଡା ବ୍ଲକ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ବଙ୍ଗୋମୁଣ୍ଡା ବିଡ଼ିଓ ନିତୁଶ୍ରୀ ମେହେରଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ ପୂର୍ବତନ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କ ସହ ବହୁ ବିଜେଡି ନେତା ମାନେ ସାମିଲ ହୋଇଥିଲେ । ଦାବି ଗୁଡିକ ମଧ୍ୟରୁ ନୂତନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଶୀଘ୍ର ହିତାଧିକାରୀ ମାନଙ୍କୁ ଯୋଗାଇ ଦିଆଯାଉ, ପ୍ରତ୍ୟେକ ବିଧବା/ବାର୍ଦ୍ଧକ୍ୟ/ବିକଳାଙ୍ଗ ଭତା ହିତାଧିକାରୀ ଙ୍କୁ ୩୫୦୦ ଟଙ୍କା ଭତା ପ୍ରଦାନ କରାଯାଉ, ଭତା ହିତାଧିକାରୀ ଙ୍କୁ ଭତା ବ୍ୟାଙ୍କ ଏକାଉଂଟ ରେ ଜମା ନ କରି ପଂଚାୟତ ଜରିଆରେ ହିତାଧିକାରୀ ମାନଙ୍କ ହାତରେ ଦିଆଯାଉ,ପ୍ରତ୍ୟେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ମାସିକ ୧୦୦୦ ଟଙ୍କା ଭତା ପ୍ରଦାନ କରାଯାଉ,

ବଙ୍ଗୋମୁଣ୍ଡା କୁ ଶୀଘ୍ର ଏନ୍.ଏ.ସି ର ମାନ୍ୟତା ଦିଆଯାଉ, ପ୍ରକୃତ ଚାଷୀ ମାନଙ୍କୁ ସାର ମାଗଣା ରେ ଯୋଗାଇ ଦିଆଯାଉ,ପ୍ରତ୍ୟେକ ଉପଭୋକ୍ତା ଙ୍କୁ ୩୦୦ ୟୁନିଟ ବିଜୁଳି ମାଗଣା ଦିଆଯାଉ, ବିଜେଡି ସରକାରଙ୍କ ଦ୍ୱାରା ଭତା ହିତାଧିକାରୀ ମାନଙ୍କୁ ବିଭିନ୍ନ ଋତୁ ରେ ଦିଆଯାଉଥିବା ଛତା, ଚପଲ ଓ କମ୍ବଳ ର ଦୁଇ ବର୍ଷ ରୁ ଦିଆଯାଇନଥିବା ବକେୟା ତୁରନ୍ତ ପ୍ରଦାନ କରାଯାଉ, ବେକାର ଶିକ୍ଷିତ ଯୁବକ/ ଯୁବତୀ ମାନଙ୍କ ଥଇଥାନ କରାଯାଉ, ଇନ୍ଧନ ଗ୍ୟାସର ସମସ୍ୟା ତୁରନ୍ତ ଦୂର କରାଯାଉ ଏବଂ ସବସିଡି ଉପଯୁକ୍ତ ସମୟ ରେ ପ୍ରଦାନ କରାଯାଉ, ବ୍ୟାଙ୍କ୍ ମିତ୍ର,ପ୍ରାଣୀ ମିତ୍ର, କୃଷିମିତ୍ରଙ୍କୁ ସ୍ଥାୟୀ ଦରମା ପ୍ରଦାନ କରାଯାଉ, ପ୍ରତ୍ୟେକ ଖାଉଟି ସାମଗ୍ରୀ ଦର କମାଯାଉ ବୋଲି ଦାବି ନେଇ ଘେରାଉ କରାଯାଇଛି।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati   Executive Editor : Satyajit Mohapatra   Managing Editor : Jitendra Ku. Pati